

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୨ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 August 2026

Vol.No. 36 ■ No.220 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ଯନ୍ତର-ମନ୍ତର ଆନ୍ଦୋଳନ ବ୍ୟବସ୍ଥାର ବିଫଳତାକୁ ଦର୍ଶାଉଛି: ଆରଏସ୍ଏସ୍


ନୂଆଦିଲ୍ଲୀ,୨୧/୮ : ନୂଆଦିଲ୍ଲୀର ଯନ୍ତରମନ୍ତରରେ ହୋଇଥିବା ଯୁବ ଆନ୍ଦୋଳନ କେବଳ ଦୁର୍ନୀତିର ପ୍ରସଙ୍ଗ ନୁହେଁ, ବରଂ ଦେଶର ବ୍ୟବସ୍ଥାରେ ଥିବା ବିଫଳତା ଓ ଅଭାବକୁ ଦର୍ଶାଉଛି ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କହିଛି। ବିଶାଖାପାଟଣାରେ ଶୁକ୍ରବାର ଆରଏସ୍ଏସ୍‌ର ୩ ଦିନିଆ ସମନ୍ୱୟ ସମିତି ବୈଠକ ଶେଷ ହେବା ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘ ନେତା ସିଆର ମୁକୁନ୍ଦ ଏହି ମତ ରଖିଛନ୍ତି। ଯନ୍ତରମନ୍ତରରେ ହୋଇଥିବା ଆନ୍ଦୋଳନ ଏକ ବଡ଼ ସମସ୍ୟାର ଲକ୍ଷଣ ବୋଲି ମୁକୁନ୍ଦ କହିଛନ୍ତି। ଏହା କେବଳ ନିଟ୍ କିମ୍ବା ଗୋଟିଏ ନିର୍ଦ୍ଦିଷ୍ଟ ସରକାର ସହ ଜଡ଼ିତ ପ୍ରସଙ୍ଗ ନୁହେଁ। ଦେଶର ବିଭିନ୍ନ ବ୍ୟବସ୍ଥାରେ ରହିଥିବା ଅଭାବ ଓ ବିଫଳତା ଯୋଗୁଁ ଯୁବପିଢ଼ି ନିଜ ଭବିଷ୍ୟତକୁ ନେଇ



ଚିନ୍ତିତ ଓ ଆଶଙ୍କିତ ଅଛନ୍ତି। ଶିକ୍ଷା, ନିଯୁକ୍ତି ଓ ଦ୍ରୁତଗତିରେ ବଦଳୁଥିବା ସମାଜରେ ଯୁବପିଢ଼ିର ଆକାଂକ୍ଷା ଭଳି ପ୍ରସଙ୍ଗକୁ ମଧ୍ୟ ଏହି ଆଲୋଚନାରେ ସାମିଲ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ମୁକୁନ୍ଦ କହିଛନ୍ତି, ବ୍ୟବସ୍ଥାରେ ଥିବା ସମସ୍ୟା ଦୂର କରିବା ପାଇଁ ସରକାରଙ୍କୁ ପଦକ୍ଷେପ ନେବାକୁ ପଡ଼ିବ ଏବଂ ସମାଜକୁ ମଧ୍ୟ ସଚେତନ ହୋଇ ସହଯୋଗ କରିବାକୁ ହେବ। ତାଙ୍କ ମତରେ, ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଧ୍ୱଂସ କିମ୍ବା ବିଶୃଙ୍ଖଳାର ମାର୍ଗ ଗ୍ରହଣ କରାଯାଇପାରିବ ନାହିଁ। ପରିବର୍ତ୍ତନ ପାଇଁ ଗଠନମୂଳକ ଓ ସକାରାତ୍ମକ ଆଭିମୁଖ୍ୟ ଆବଶ୍ୟକ। ଯନ୍ତରମନ୍ତରରେ 'କକ୍‌ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଜୁନ୍ ୨୦ରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ପରୀକ୍ଷାରେ ଅନିୟମିତତା, ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ପ୍ରସଙ୍ଗରେ ଏହି ଆନ୍ଦୋଳନ ହୋଇଥିଲା। ଆନ୍ଦୋଳନକାରୀ ମାନେ ତତ୍କାଳୀନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ପରୀକ୍ଷା ବ୍ୟବସ୍ଥାରେ ଉତ୍ତରଦାୟିତ୍ୱ ଦାବି କରିଥିଲେ। ପରେ ଜୁଲାଇ ୨୫ରେ ୩୬ ଦିନ ଧରି ଚାଲିଥିବା ଏହି ଆନ୍ଦୋଳନ ଶେଷ ହୋଇଥିଲା। ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସହ ଆନ୍ଦୋଳନକାରୀଙ୍କ ଅନ୍ୟ କେତେକ ଦାବି ସରକାର ଗ୍ରହଣ କରିବା ପରେ ଆନ୍ଦୋଳନକୁ ସମାପ୍ତ କରାଯାଇଥିଲା। ଏହି ଆନ୍ଦୋଳନ ନିଟ୍ ସମେତ ପରୀକ୍ଷା ବ୍ୟବସ୍ଥାରେ ଅନିୟମିତତାକୁ ନେଇ ଦେଶବ୍ୟାପୀ ଯୁବପିଢ଼ିର ଅସନ୍ତୋଷକୁ ସାମ୍ନାକୁ ଆଣିଥିଲା।

## ଲିଭିଗଲା ଓଲିଉଡର 'ବତୀଘର': ସବୁଦିନ ପାଇଁ ନିରବିଗଲେ ପ୍ରଣବ ପଟ୍ଟନାୟକ

ଭୁବନେଶ୍ୱର, ୨୧/୮ (ନି.ପ୍ର): ଏମିତି ରାତି ସେ ଯେ ଅଭୁଲା ସ୍ମୃତି... ହେଉ କି ମାଞ୍ଚୀରେ... ତାଙ୍କ କଣ୍ଠରେ ସେ ସମସ୍ତଙ୍କୁ ମତୁଆଲା କରି ରଖୁଥିଲେ। ସେହି ସ୍ୱରରେ କିଛି ଏମିତି ଯାଦୁ ଥିଲା, ଯାହା ଶୁଣିଲେ ସମୟ ଅଟକି ଯାଉଥିଲା। କେତେବେଳେ ପ୍ରେମର ଭିଜା ଭିଜା ଅନୁଭୂତି ତ କେତେବେଳେ ବିରହର ଅକୁହା ଯନ୍ତ୍ରଣା, ପ୍ରତିଟି ଓଡ଼ିଆର ହୃଦୟର ସ୍ପନ୍ଦନକୁ ସେ ନିଜ କଣ୍ଠରେ ରୂପ ଦେଉଥିଲେ। ହେଲେ ଆଜି ସେହି ଯାଦୁକରୀ କଣ୍ଠ ହଠାତ୍ ନୀରବି ଯାଇଛି। ଯାହା ସଙ୍ଗୀତ ଜଗତକୁ ସ୍ତବ୍ଧ କରିଦେଇଛି। 'ମୁଁ କେଉଁ ସହରର ଶହରୀ' କହି ସେ ସବୁଦିନ ପାଇଁ ଶୋଇଗଲେ। ସେ ହେଉଛନ୍ତି ଓଡ଼ିଆ ସଙ୍ଗୀତ ଆକାଶର ଅପ୍ରତିଦ୍ୱନ୍ଦୀ ସମ୍ରାଟ ପ୍ରଣବ ପଟ୍ଟନାୟକ। ୮୮ ବର୍ଷ ବୟସରେ ତାଙ୍କର ଏହି ପରଲୋ କେବଳ ଏକ ଯୁଗର ଅନ୍ତ ନୁହେଁ, ବରଂ ଓଡ଼ିଆ ସ୍ମୃତିର ପୃଷ୍ଠାରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ। ପ୍ରଣବ ପଟ୍ଟନାୟକ—ଓଡ଼ିଆ ସଙ୍ଗୀତ ଆକାଶର ଏକ ଏମିତି ଉଜ୍ଜ୍ୱଳ ନକ୍ଷତ୍ର, ଯାହାଙ୍କ ସ୍ୱରରେ କେତେବେଳେ ପ୍ରେମର ଆକୁଳତା ତ କେତେବେଳେ ଭକ୍ତିର ଗଭୀରତା ଶୁଭୁଥିଲା। 'ମୁଁ କେଉଁ ସହରର ଶହରୀ...' କିମ୍ବା 'ସ୍ମୃତି ତୋର ଫେରେ...' ଭଳି ଅନେକ କାଳଜୟୀ ଗୀତ ଗାଇ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇଥିବା ଏହି ମହାନ କଳାକାରଙ୍କ ୮୮ ବର୍ଷ ବୟସରେ ଦେହାନ୍ତ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି



କରିଛି। ଯେତେବେଳେ ବି ରେଡିଓ କିମ୍ବା ଟେଲିଭିଜନରେ ବାଜିଉଠେ— 'ମୁଁ କେଉଁ ସହରର ଶହରୀ, ମୁଁ ଜାଣି ପାରେନା...', ଶ୍ରୋତାଟିଏ ମୁହୂର୍ତ୍ତକ ପାଇଁ ନିଜ ସ୍ମୃତି ଭିତରେ ହଜିଯାଏ। ଏହି ସ୍ୱର ଥିଲା ଓଡ଼ିଶାର ଗର୍ବ, ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କର। ୮୮ ବର୍ଷର ଏହି ସଫଳ ଜୀବନ ଆଜି ଶେଷ ହୋଇଥାଇପାରେ,

◆◆ପୃଷ୍ଠା ୭

## ଆଇପିଏସ ସ୍ତରରେ ଅଦଳବଦଳ: ଇଓଡବ୍ଲ୍ୟୁ ଓ ଏସଟିଏଫର ଆଇଜି ହେଲେ ହିମାଂଶୁ ଲାଲ

ଭୁବନେଶ୍ୱର, ୨୧/୮ (ନି.ପ୍ର): ବରିଷ୍ଠ ଆଇପିଏସ୍‌ସ୍ତରରେ ବଡ଼ ଅଦଳବଦଳ। ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ଅନ୍ତରୀଣ ଡିଜିପି ଦାୟିତ୍ୱ ନେବା ପରେ ଆଜି ଆଇପିଏସ୍ ସ୍ତରରେ ଅଦଳ ବଦଳ କରିଛନ୍ତି ସରକାର। ଆଜି ୬ଜଣ ବରିଷ୍ଠ ଆଇପିଏସଙ୍କୁ ବଦଳି କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୩ ବ୍ୟାଚର ଆଇପିଏସ ତଥା ସମ୍ବଲପୁରର ଉତ୍ତରାଂଚଳ ଆଇଜି ଭାବେ କାର୍ଯ୍ୟରତ ଥିବା ହିମାଂଶୁ କୁମାର ଲାଲଙ୍କୁ ଭୁବନେଶ୍ୱରସ୍ଥିତ ଇଓଡବ୍ଲ୍ୟୁ ଓ ଏସଟିଏଫ ଆଇଜି ଭାବେ ବଦଳି କରାଯାଇଛି। ସେ ଦୀର୍ଘ ୩ବର୍ଷ ହେଲା ସମ୍ବଲପୁରରେ ଆଇଜି



ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ତାଳଚେରସ୍ଥିତ ଏନସିଆର ଆଇଜି ସହ ଅନୁଗୋଳ ପିଟିସିର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ୨୦୦୪ ବ୍ୟାଚର ଆଇପିଏସ ସତ୍ୟବ୍ରତ ଭୋଇଙ୍କୁ ଗୁଇନ୍ଦା ଆଇଜି ଭାବେ ବଦଳି କରାଯାଇଛି। ଭୁବନେଶ୍ୱରରେ ଗୁଇନ୍ଦା ଆଇଜି ଭାବେ କାର୍ଯ୍ୟରତ ୨୦୦୫ ବ୍ୟାଚର ଆଇପିଏସ ଜୟ ନାରାୟଣ ପଙ୍କଜଙ୍କୁ ବ୍ରହ୍ମପୁର ଦକ୍ଷିଣାଂଚଳ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ବ୍ରହ୍ମପୁରରେ ଦକ୍ଷିଣାଂଚଳ ଆଇଜି ଥିବା ୨୦୦୭ ବ୍ୟାଚ୍ ଆଇପିଏସ୍ ନୀତିଶେଖର କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ପ୍ରୋଭିଜନିଂ ଆଇଜି ଭାବେ କାର୍ଯ୍ୟ କରିବେ। ସେହିପରି ପ୍ରୋଭିଜନିଂ ଡିଆଇଜି ଭାବେ କାର୍ଯ୍ୟରତ ୨୦୦୯ ବ୍ୟାଚର ଆଇପିଏସ ଚରଣ ସିଂ ମୀନାଙ୍କୁ ସମ୍ବଲପୁରର ଉତ୍ତରାଂଚଳ ଡିଆଇଜି ଭାବେ ବଦଳି କରାଯାଇଛି। କେନ୍ଦ୍ରୀୟ ଡେପୁଟେସନରୁ ଫେରି ରାଜ୍ୟ ଗୃହ ବିଭାଗରେ ଯୋଗ ଦେଇଥିବା ୨୦୧୦ ବ୍ୟାଚର ଆଇପିଏସ ଆଶିଷ କୁମାର ସିଂଙ୍କୁ ତାଳଚେର ଏନସିଆର ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ସେ ଅନୁଗୁଳ ପୁଲିସ ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଗାୟବ୍ ମାମଲା : କାହିଁକି ଆଗଉନି ତଦନ୍ତ ?

ଭୁବନେଶ୍ୱର, ୨୧/୮ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତଦନ୍ତ ଫାଇଲ୍ ଗାଏବ୍ ଘଟଣାକୁ ଅଢେଇ ମାସ ବିତିଗଲାଣି। କିନ୍ତୁ ମନ୍ଥର ଗତିରେ ଚାଲିଛି ତଦନ୍ତ। ସେତେବେଳର ସିଏମ୍‌ଓରେ ଥିବା ୪ ବରିଷ୍ଠ ଅଧିକାରୀଙ୍କୁ ସମନ୍ କରାଯାଇଥିଲା। କିନ୍ତୁ କେବଳ ମନୋଜ ମିଶ୍ରଙ୍କ ଛଡ଼ା ଆଉ କେହି ତଦନ୍ତରେ ସହଯୋଗ କରିନାହାନ୍ତି। କ୍ରାଇମବ୍ରାଞ୍ଚ କାହିଁକି ପ୍ରଭାବଶାଳୀଙ୍କ ଦେହରେ ହାତ ମାରିପାରୁନି, ତାକୁ ନେଇ ଉଠିଛି ପ୍ରଶ୍ନ। ଦୋଷୀ ପାତାଳରେ ଲୁଚିଥିଲେ ବି ଖୋଜି ବାହାର କରାଯିବ। ଫାଇଲ୍ ଗାଏବ୍




କରିଥିବା ଖଳନାୟକଙ୍କୁ ସାମ୍ନାକୁ ଅଣାଯିବ। ହେଲେ ଏ ମାମଲାକୁ ଅଢେଇ ମାସ ବିତିଗଲାଣି, ତଦନ୍ତର ଅଗ୍ରଗତି ହେଉନି। ଜୁନ୍ ୧୦ ତାରିଖରେ ଗୃହ ବିଭାଗ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା କରାଗଲା। ଅନେକ ଘଣ୍ଟାଚକଟା କଲା କ୍ୟାପିଟାଲ ଥାନା ପୁଲିସ। ସିଏମ୍‌ଓର ତତ୍କାଳୀନ ଅଫିସର ମନୋଜ ମିଶ୍ର, ରାଜେଶ ବର୍ମା, ଉପେନ୍ଦ୍ରନାଥ ବେହେରା ଓ ଭି.କେ. ପାଣ୍ଡିଆନଙ୍କୁ ସମନ୍ କରାଯାଇଥିଲା,

◆◆ପୃଷ୍ଠା ୭

## ଅବକାରୀ ବିଭାଗର ଚଢ଼ାଉ : ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ,୨ ଗିରଫ

ଭଦ୍ରକ , ୨୧/୮ (ନି.ପ୍ର): ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ ଏବଂ ଅବକାରୀ ଉପ-ଅଧିକ୍ଷକ ସୁଚରିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଅବକାରୀ ଇନ୍ସପେକ୍ଟର ମମତା ଦାସଙ୍କ ନେତୃତ୍ୱରେ ଗଠିତ ଦୁଇଗୋଟି ସ୍ୱତନ୍ତ୍ର ଟିମ ତିହିଡି ବ୍ଲକର ସେରପୁର ଏବଂ ଦୋଳସାହି ବଜାର ଅଞ୍ଚଳରେ ଅତର୍କିତ ଭାବେ ଚଢ଼ାଉ କରି ୨୧୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜବତ ବ୍ରାଉନ ସୁଗାରର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

◆◆ପୃଷ୍ଠା ୭

## ଛାତ୍ରଙ୍କୁ ଛୁରୀ ଭୁସି ହତ୍ୟା

ଭୁବନେଶ୍ୱର, ୨୧/୮ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁରରେ ଗଡ଼ିଲା କଲେଜ ଛାତ୍ରଙ୍କ ମୁଣ୍ଡ। ଏକ ବାଇକ୍ ସୋରୁମ୍ ସାମ୍ନାରେ ୮ ଜଣ ଦୁର୍ବୃତ୍ତ ଜଣେ ଯୁକ୍ତ୨ ଛାତ୍ରଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ଗତକାଲି ଜୟପୁର ସହରର ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୟ ସୁନାକୁ ପୁଲିସ ଏନ.ଏସ.ଏରେ ବାନ୍ଧିଥିବା ବେଳେ ଆଜି ତାଙ୍କ ଭଣଜାଙ୍କୁ ହତ୍ୟା କରାଯାଇଛି। ସିସିଟିଭି ଫୁଟେଜ୍ ଆଧାରରେ ଖୋଳତାଡ଼ କରୁଛି ପୁଲିସ। ଜୟପୁର ସହରରେ ବୀଭତ୍ସ ହତ୍ୟାକାଣ୍ଡ। ବୋରିଗୁମ୍ମା କଲେଜରେ ଯୁକ୍ତ ୨ରେ ପଢୁଥିବା ଦେବାଶିଷ କିଶନ କୁଲଦୀପଙ୍କୁ ଛୁରି ଭୁସି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ୮ ଜଣ ଦୁର୍ବୃତ୍ତ।ଦିନ ପ୍ରାୟ ସାଢ଼େ ୧୧ଟା ସମୟରେ ଏକ ବାଇକ୍ ସୋରୁମ୍‌କୁ ଆସିଥିଲେ ଦେବାଶିଷ। ସୋରୁମ୍‌ରେ ପହଞ୍ଚିବା ପରେ ଅତର୍କିତ ଭାବେ ୮ ଜଣ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଏହାପରେ ପୁଅକୁ ନ୍ୟାୟ ଓ ହତ୍ୟାକାରୀଙ୍କୁ ଗିରଫ ଦାବିରେ ପରିବାର,

◆◆ପୃଷ୍ଠା ୭

## ଇରାନ ବିରୋଧରେ ଅଭୂତପୂର୍ବ କଟକଣା ଲଗାଇବୁ: ଟ୍ରମ୍ପ

ନୂଆଦିଲ୍ଲୀ,୨୧/୮ : ଇରାନ ସହ ଚାଲିଥିବା ଯୁଦ୍ଧ ପ୍ରାୟ ୬ ମାସରେ ପହଞ୍ଚିଥିବା ଏବଂ ପ୍ରମୁଖ ଅସ୍ତ୍ରଶସ୍ତ୍ରର ମହଜୁଦ ହ୍ରାସ ପାଉଥିବା ସମୟରେ ଆମେରିକାର ଟ୍ରମ୍ପ ପ୍ରଶାସନ ତେହେରାନ ବିରୋଧରେ ଏକ ବଡ଼ ଧରଣର ଆର୍ଥିକ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ପୂର୍ବରୁ ଆମେରିକାର କଠୋର ପ୍ରତିବନ୍ଧକଗୁଡ଼ିକୁ ସଫଳତାର ସହ ସାମ୍ନା କରିଆସିଥିବା ଇରାନ ବିରୋଧରେ ଚଳିତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ 'ଅର୍ଥନୈତିକ ଡି-ଡେ' ଅର୍ଥାତ ଅଭୂତପୂର୍ବ ଆର୍ଥିକ କଟକଣା ଏବଂ ବାସନ୍ଦ ନୀତି ଆପଣାଇବାକୁ ଘୋଷଣା କରିଛନ୍ତି। ଇରାନର ନେତୃତ୍ୱକୁ ନିଜର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ତୈଳ ଓ ପ୍ରାକୃତିକ ଗ୍ୟାସ ଟ୍ୟାଙ୍କରଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଭାବେ ଖୋଲିବାକୁ ବାଧ୍ୟ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଆଗାମୀ



ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ଏକ ଅନାବଶ୍ୟକ ଯୁଦ୍ଧର ସାମ୍ନା କରୁଥିବା ରାଷ୍ଟ୍ରପତି ଟ୍ରମ୍ପ ବିଶ୍ୱର ସବୁଠାରୁ ଅଧିକ ଆର୍ଥିକ କଟକଣା ଭୋଗୁଥିବା ଇରାନକୁ ଆଣ୍ଠେଇବା ପାଇଁ ଏହି ପ୍ରତିବନ୍ଧକ ପ୍ରକ୍ରିୟା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେବେ ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ ଗୁରୁବାର ସିଏନବିସିକୁ ଦେଇଥିବା ଏକ ସାକ୍ଷାତକାରରେ ଆଗାମୀ ରଣନୀତିର ଏକ ଝଲକ ପ୍ରଦାନ କରିଛନ୍ତି। ସେ ଚେତାବନୀ ଦେଇ କହିଛନ୍ତି ଯେ, ଯେଉଁ ସବୁ ଦେଶ କିମ୍ବା କମ୍ପାନିଗୁଡ଼ିକ ଇରାନ ସହ ବ୍ୟବସାୟିକ କାରବାର ଜାରି ରଖିବେ, ସେମାନଙ୍କ ଉପରେ ଆମେରିକା ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କଠୋର ପ୍ରତିବନ୍ଧକ ଲଗାଯିବ। ପ୍ରଶାସନର 'ଅପରେସନ ଇକୋନୋମିକ ଫ୍ୟୁରି'ର ଏହି ପରବର୍ତ୍ତୀ ପର୍ଯ୍ୟାୟରେ କେଉଁମାନଙ୍କୁ ଟାର୍ଗେଟ କରାଯିବ ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯାଇ ନଥିଲେ ମଧ୍ୟ, ଭାରତ ଏବଂ ଚୀନ୍ ଭଳି ପ୍ରମୁଖ ଦେଶଗୁଡ଼ିକ ଇରାନୀ ତୈଳର ବଡ଼ କ୍ରେତା ଥିବାରୁ ବିଶ୍ୱ ବଜାରରେ ହଇଚଇ ସୃଷ୍ଟି ହୋଇଛି।

◆◆ପୃଷ୍ଠା ୭

## ରାଜ୍ୟରେ ନକଲି ପନିର ହାଉଜାଉ

ଭୁବନେଶ୍ୱର, ୨୧/୮ (ନି.ପ୍ର): ପନିର ଖାଉଛନ୍ତି କି, ହୋଇଯାନ୍ତୁ ସାବଧାନ। କାରଣ ଆପଣ ଖାଉଥିବା ପନିର ହୋଇଥାଇପାରେ ଅପମିଶ୍ରିତ। କଟକରୁ ଭୁବନେଶ୍ୱର ସବୁଠି ମିଳୁଛି ନକଲି ପନିର। ଖାଦ୍ୟ ସୁରକ୍ଷା ଦଳର ଚଢାଉ ପରେ



ସାମ୍ନାକୁ ଆସିଛି କଟକ ଛେନାର ଅସଲ ଚିତ୍ର। ଅତର୍କିତ ଚଢାଉରେ ଭୁବନେଶ୍ୱରରେ ଅପମିଶ୍ରିତ ପନିର ମିଳିଥିବାବେଳେ କଟକ ନିଆଳିରେ ଚଢାଉ ପୂର୍ବରୁ ହୋଟେଲରୁ ଗାୟବ ହୋଇଗଲା ପନିର ଓ ମିଠା।

◆◆ପୃଷ୍ଠା ୭

## ପଞ୍ଜାବ ନିର୍ବାଚନ ପୂର୍ବରୁ ପୁଣି ବିଜେପି-ଅକାଳୀ ମେଣ୍ଟ ଚର୍ଚ୍ଚା: ମୁହଁ ଖୋଲିଲେ ହରସିମରତ କୌର ବାଦଲ

ନୂଆଦିଲ୍ଲୀ,୨୧/୮ : ଆଗାମୀ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ପୁଣି ଏକ ବଡ଼ ଧରଣର ସମୀକରଣ ବଦଳିବାକୁ ଯାଉଛି। ଭାରତୀୟ ଜନତା ପାର୍ଟି (ବିଜେପି) ସହ ଶିରୋମଣି ଅକାଳୀ ଦଳର ପୁନଃ ମେଣ୍ଟ ସପକ୍ଷରେ ଦଳର ପ୍ରମୁଖ ନେତ୍ରୀ ତଥା ଏକମାତ୍ର ସାଂସଦ ହରସିମରତ କୌର ବାଦଲ ପ୍ରଥମ ଥର ପାଇଁ ଖୋଲାଖୋଲି ମତ ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଅକାଳୀ ମୁଖ୍ୟ ସୁଖବିର ସିଂହ ବାଦଲଙ୍କ ସାକ୍ଷାତ ପରେ ଏହି ମେଣ୍ଟ ସମ୍ଭାବନାକୁ



ନେଇ ଜୋରଦାର ଆଲୋଚନା ଆରମ୍ଭ ହୋଇଛି। ହରସିମରତ କୌରଙ୍କ କହିବା ଅନୁଯାୟୀ, କେନ୍ଦ୍ର ସରକାର ଅର୍ଥାତ୍ ଦିଲ୍ଲୀର ସହଯୋଗ ବିନା ପଞ୍ଜାବର ସର୍ବାଙ୍ଗୀନ ଉନ୍ନତି ଆଦୌ ସମ୍ଭବ ନୁହେଁ। ଏହି ଆଧାରରେ ଖୁବଶୀଘ୍ର ଦିଲ୍ଲୀ ସହ ଏକ ରାଜିନାମା ହେବାକୁ ଯାଉଥିବା ସେ ସଙ୍କେତ ଦେଇଛନ୍ତି, ଯାହାକୁ ରାଜନୈତିକ ମହଲ ବିଜେପି-ଅକାଳୀ ମେଣ୍ଟର ବାଟ ଫିଟିବା ବୋଲି ଆକଳନ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ପରେ ଅକାଳୀ ଦଳ ମହିଳା ସଂରକ୍ଷଣ ପ୍ରସଙ୍ଗରେ କେନ୍ଦ୍ରକୁ ସମର୍ଥନ ଘୋଷଣା କରିଥିଲା, ଯାହା ଏହି ଚର୍ଚ୍ଚାକୁ ଆହୁରି ତେଜିଆନ କରିଛି। ତେବେ ଉଭୟ ଦଳ ପାଇଁ ବର୍ତ୍ତମାନ ରାଜନୈତିକ ସ୍ଥିତି ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଛି। ପଞ୍ଜାବ ବିଜେପିର ଦାୟିତ୍ୱରେ ଥିବା ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନି ୧୧୭ଟି ଆସନରେ ଏକାକୀ ପ୍ରାର୍ଥୀ ଦେବାକୁ କହୁଥିଲେ ମଧ୍ୟ ତୃଣମୂଳ ସ୍ତରରେ ବିଜେପି ସଂଗଠନ ଦୁର୍ବଳ

◆◆ପୃଷ୍ଠା ୭

# ପାଠ୍ୟପୁସ୍ତକରେ ତ୍ରୁଟି ଘଟଣା: ଛାତ୍ରଛାତ୍ରୀଙ୍କୁ ଦିଆଯାଇ ନାହିଁ ସଂଶୋଧିତ ପୃଷ୍ଠା, ଭୁଲ୍ ବହି ପଢୁଛନ୍ତି ଛାତ୍ରଛାତ୍ରୀ

ଜୟପୁର,୨୧/୦୮ (ନି.ପ୍ର): କୋରାପୁଟ ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ବର୍ତମାନ ସୁଦ୍ଧା କୌଣସି ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପୃଷ୍ଠା ଯୋଗାଇ ଦିଆଯାଇ ନାହିଁ । ଫଳରେ ଛାତ୍ର ଛାତ୍ରୀ ଅବିଭାବକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସରକାର ଯାହା କହୁଛନ୍ତି ତାହା ମଧ୍ୟ କାର୍ଯ୍ୟକାରି କରୁନାହାଁନ୍ତି । ଫଳରେ ଅବିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ହେଲେ ଛାତ୍ରଛାତ୍ରୀ କିପରି ପାଠ ପଢ଼ିବେ ସେ ବାବଦରେ ସରକାରଙ୍କ ଚିନ୍ତା ନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଟି ରିପୋର୍ଟ ଦେଇଥିଲେ । ଏହାକୁ ଆଧାର କରି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏସ୍ସିଇଆରଟି କୁ କ୍ରାଇମବ୍ରାଂଚରେ ଅଭିଯୋଗ କରିବାକୁ ନିର୍ଦ୍ଦେଶ ଦେଲେ । ହେଲେ ଛାତ୍ରଛାତ୍ରୀ କିପରି ପାଠ ପଢ଼ିବେ କାହାର ଚିନ୍ତା ନାହିଁ । ଏହି ବାଦ ବିବାଦକୁ ପ୍ରାୟ ୩ ମାସ ହୋଇଗଲାଣି । ଏଯାବତ ଶିକ୍ଷକଙ୍କ ପାଖେ ସଂଶୋଧିତ ପୁସ୍ତିକା ପହଂଚିଲା ନାହିଁ । ପିଲାମାନେ ସେହି ତ୍ରୁଟିପୂର୍ଣ୍ଣ ବହିରେ ପାଠପଢୁଛନ୍ତି । କେବେ ପିଲାଙ୍କ ପାଖେ ସଂଶୋଧିତ ବହି ପହଂଚିବ ତାହା କେହି ଜାଣି ନାହାନ୍ତି କି କାହାରି ପାଖେ ଉତର ମଧ୍ୟ ନାହିଁ । ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଟି କରି ୭ ଦିନରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ । ତଦନ୍ତ କମିଟିର ରିପୋର୍ଟକୁ ଆଧାର କରି ମୁଖ୍ୟମନ୍ତ୍ରୀ ୪ ଜଣଙ୍କୁ ନିଲମ୍ବିତ କରିବା ସହ ୬ ଜଣ ଅଧିକାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲେ । ଏଥିସହ କମିଟିର ୧୪ ସୁପାରିଶକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଗଲା । ଏଥିରେ ଥିଲା ୭ ଦିନ ମଧ୍ୟରେ ମୁଖ୍ୟ ତ୍ରୁଟି ସଂଶୋଧିତ ପୁସ୍ତିକା ପ୍ରକାଶ କରାଯିବ । ଛାତ୍ରଛାତ୍ରୀଙ୍କୁ ସଂଶୋଧିତ୍ ସିଟ୍ ପ୍ରଦାନ କରାଯିବ । ଏକ ସାର୍ବଜନୀନ ତ୍ରୁଟି ସଂଶୋଧନ ପୋର୍ଟାଲ ଖୋଲାଯିବ । ପାଠ୍ୟପୁସ୍ତକରେ ଥିବା ଭୁଲ୍ ଥିବା ପୃଷ୍ଠାକୁ ବଦଳାଇ ସେଠାରେ ନୂଆ ପୃଷ୍ଠା ପ୍ରିଂଟିଂଙ୍ଗ କରି ଯୋଗାଇ ଦିଆଯିବ । ସମସ୍ତ ଛାତ୍ରଛାତ୍ରୀଙ୍କୁ ସଂଶୋଧିତ ପୃଷ୍ଠା ଯୋଗାଇ ଦିଆଯିବ । ସଂଶୋଧିତ ପିଡିଏଫକୁ ଅଫିସିଆଲ୍ ଶିକ୍ଷଣ ସଂସ୍କରଣ ଭାବେ ଘୋଷଣା କରାଯିବ । ଶିକ୍ଷକଙ୍କ ପାଇଁ ତୁରନ୍ତ ସଂଶୋଧନ ସଂପର୍କିତ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହାପରେ ଜୁଲାଇ ୧ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗଣା ମଧ୍ୟମକୁ ନୂତନ ପାଠ୍ୟପୁସ୍ତକ ଯୋଗାଇ ଦେବା ପର୍ଯ୍ୟନ୍ତ ସଂଶୋଧିତ ତଥ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରାଯାଇ ପାଠପଢ଼ା ଚାଲୁ ରହିବ ବୋଲି ସୂଚନା ଦିଆଯାଇଥିଲା । ସରକାର ଯଥା ଶୀଘ୍ର ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି । ବିଶେଷଜ୍ଞମାନଙ୍କର ପରାମର୍ଶ ନିଆଯାଉଛି । ଖୁବ୍ ଶୀଘ୍ର ସଂଶୋଧିତ ବହି ବିଭାଗ ଏବଂ ଓସେପାର ୱେବ୍ସାଇଟ୍ ରେ ଅପଲୋଡ୍ ହେବ । ଏହାକୁ ଶିକ୍ଷାବିତ୍ ଏବଂ ଜନସାଧାରଣଙ୍କ ମତାମତ ପାଇଁ ଆହ୍ୱାନ କରାଯିବ । ସମସ୍ତଙ୍କ ମତାମତକୁ ବିଚାର କରି ସଂଶୋଧିତ ବହି ପ୍ରସ୍ତୁତ କରାଯିବ । ଠିକ୍ ଏହାର ପରଦିନ ବିଭାଗ ପକ୍ଷରୁ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସଂଶୋଧିତ ପାଠ୍ୟପୁସ୍ତକକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏସ୍ସିଇଆରଟି ଏବଂ ଓସେପା ୱେବ୍ସାଇଟ୍ ରେ ଦିଆଗଲା । ଏହି ପୁସ୍ତକ ଗୁଡ଼ିକ ସଂପର୍କରେ ଜନସାଧାରଣ ଓ ଶିକ୍ଷାବିତ୍ଙ୍କ ମତାମତ ପାଇଁ ଆହ୍ୱାନ କରାଗଲା । ଏନେଇ ବିଭାଗ ପକ୍ଷରୁ ମଧ୍ୟ ସୂଚନା ଦିଆଗଲା । ଏସ୍ସିଇଆରଟି ୱେବ୍ସାଇଟ୍ ରେ 'ମହାନ୍ ବିପ୍ଳବୀ ମାଧୋ ସିଂହ' ସଂଶୋଧିତ ପ୍ରସଙ୍ଗକୁ ଅପଲୋଡ୍ କରାଯାଇଛି । ସେହିପରି ସପ୍ତମଶ୍ରେଣୀର ସାହିତ୍ୟ ସୁମନ ପାଠ୍ୟପୁସ୍ତକର ସଂଶୋଧିତ ପୁସ୍ତିକା ଅପଲୋଡ୍ କରାଯାଇଛି । ଓସେପା ୱେବ୍ସାଇଟ୍ ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସଂଶୋଧିତ ପାଠ୍ୟପୁସ୍ତକକୁ ମଧ୍ୟ ଅପଲୋଡ୍ କରାଯାଇଛି । ହେଲେ କୁହାଯାଇଥିବା ସଂଶୋଧିତ ପୁସ୍ତିକା ଏଯାବତ ସ୍କୁଲରେ ପହଂଚିନି । ଯାହାକୁ ନେଇ ଏବେ ଚିନ୍ତାରେ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ । ୭ ଦିନ ଯାଇ ୩ ମାସ ପାଖାପାଖି ହେଲାଣି କୌଣସି ସଂଶୋଧିତ ପୁସ୍ତିକା ପହଂଚିନି । ଶିକ୍ଷକମାନେ ଯେତିକି ପାରୁଛନ୍ତି ସେତିକି ସଂଶୋଧନ କରି ପଢ଼ାଉଛନ୍ତି । ଏପରିକି ସଂଶୋଧିତ ବହି ଏହି ଶିକ୍ଷାବର୍ଷ ଦିଆଯିବ କହିଲେ, ହେଲେ ଏଯାବତ ଛପା ଯାଇଥିବା ପୂର୍ବ ବହି ମଧ୍ୟ ପିଲାଙ୍କ ପାଖେ ପହଂଚିନି । ତେଣୁ ଛାତ୍ର ଛାତ୍ରୀଙ୍କ ନିକଟରେ ସଂଶୋଧିତ ପୃଷ୍ଠା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବୀ ହୋଇଛି । ସଂଶୋଧିତ ପୃଷ୍ଠା ଯୋଗାଇଦେଲେ ଛାତ୍ରଛାତ୍ରୀ ଅବିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି ।

# ଗୌରଗୋଠ ପ୍ୟାକ୍ସ ପରିଦର୍ଶନ କଲେ ଆଇନମନ୍ତ୍ରୀ ଚାଷୀଙ୍କୁ ପର୍ଯ୍ୟାପ୍ତ ସାର ପ୍ରଦାନ କରୁ ବିଭାଗ: ନରସିଂହ

ବଲାଙ୍ଗୀର,୨୧/୦୮ (ନି.ପ୍ର): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଆଜି ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପଂଚାୟତର ଗୌରଗୋଠ ଠାରେ ଥିବା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ପରିଦର୍ଶନ କରିଛନ୍ତି । ପ୍ୟାକ୍ସ ରେ ବିଶେଷ କରି ସାର ର ଅଭାବ ଓ ଚାଷୀ ପଞ୍ଜିକରଣରେ ଚାଷୀମାନେ ଘୋର ଅସୁବିଧା ସମ୍ମୁଖିନ ହେଉଛନ୍ତି୪ ବୋଲି ଜଣାଯାଇଥିଲା । ଚାଷୀ ପଞ୍ଜିକରଣ ପାଇଁ ଯଦି ଓ ସରକାର ଗତ ବର୍ଷ ଭଳି ପଞ୍ଜିକରଣକୁ ସରଳ କରାଯିବ ବୋଲି ଘୋଷଣା କରିଛନ୍ତି କିନ୍ତୁ ପ୍ରକୃତରେ ପ୍ୟାକ୍ସ ସ୍ତରରେ ସେପରି ହେଉ ନାହିଁ । ଚାଷୀ ତାର କାଗଜପତ୍ର ଧରି ପଞ୍ଜିକରଣ ପାଇଁ ପ୍ୟାକ୍ସରେ ପହଂଚିଲେ ସେଠାରେ ତାଙ୍କୁ ବଂଶାବଳି ଆଣିବା ପାଇଁ କୁହାଯାଉଛି । ଫଳରେ ଅନେକ ଚାଷୀ ଏଥର ପଞ୍ଜିକୃତ ହୋଇପାରିବେ ନା ନାହିଁ ତାହା ସନ୍ଦେହ ଘେରରେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ତା ସହ ଏହି ପ୍ୟାକ୍ସ ର ଜମି, ଋଣ ଗ୍ରହିତା ଓ ଅଣଋଣୀ ଚାଷୀଙ୍କ ଚାହିଦା କୁ ଦେଖିଲେ ୧୦୦୦ ବସ୍ତାର ସାର ଦରକାର ହେବ କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ମାତ୍ର ୩୦୦ ବସ୍ତା ସାର ଆସିଛି । ଏଥିରୁ ପ୍ରଥମେ ଋଣ କରିଥିବା ଚାଷୀଙ୍କୁ ସାର ପ୍ରଦାନ କରାଯିବ । ଯଦି ବଳିବ ତେବେ ଋଣ କରିନଥିବା ଚାଷୀଙ୍କୁ ସାର ପ୍ରଦାନ କରାଯିବ ବୋଲି ଶ୍ରୀ ମିଶ୍ରଙ୍କ ପ୍ରଶ୍ନର ଉତର ରେ ପ୍ୟାକ୍ସ ର ସଂପାଦକ କହିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିଭାଗ ଜାଣିଶୁଣି ଚାହିଦା ମୁତାବକ ସାର ପେକ୍ସ କୁ ପଠାଉ ନାହିଁ । ଫଳରେ ସାର ର ଅଭାବ ସାଙ୍ଗକୁ ସେହି ଅଳ୍ପ ପରିମାଣରେ ଆସୁଥିବା ସାରକୁ କଳାବଜାରରେ ଡବଲ ଦାମରେ ଅନ୍ୟ ଚାଷୀମାନଙ୍କୁ ବିକ୍ରି ହେଉଛି । ଆହୁରି ମଧ୍ୟ ଚାଷୀଙ୍କ ଅଭିଯୋଗର ସଠିକ୍ ଉତର ପେକ୍ସ କର୍ତୃପକ୍ଷ ଦେଇପାରୁ ନ ଥିବାରୁ ଏଠାରେ ସାର କୁ ନେଇ କଳାବଜାରି ଅଭିଯୋଗ ସତ୍ୟ ବୋଲି ଜଣାପଡୁଛି । ଚାଷୀମାନେ ସାର ଏବଂ ପଞ୍ଜିକରଣ ପାଇଁ ଶହ ଶହ ସଂଖ୍ୟାରେ ପେକ୍ସ ସାମନାରେ ରୁଣ୍ଡ ହୋଇ ଶ୍ରୀ ମିଶ୍ରଙ୍କୁ ନିଜର ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ । ଏପରି କି ଚାଷର ଯେଉଁ ସମୟରେ ଯେଉଁ ସାର ଦରକାର ସେ ସବୁକୁ ନେଇ ବିଭାଗ ଯନ୍ତ୍ରବାନ ହେଉ ନାହିଁ । ତେଣୁ ଠିକ୍ ସମୟରେ ଠିକ୍ ସାର ନ ପାଇବାରୁ ଚାଷୀ ର ଅମଳ କମିଯାଉଥିବାର ଅଭିଯୋଗ ଆସିଥିଲା । ଏ ସବୁ କୁ ନେଇ ଶ୍ରୀ ମିଶ୍ର କୃଷି ଓ ସମବାୟ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ଏହା ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ କହିବେ ବୋଲି ପ୍ରତିଶୃତି ଦେଇଛନ୍ତି । ନଚେତ ଆଗାମୀ ଦିନରେ କେବଳ ଗୌରଗୋଠ ନୁହେଁ ସମଗ୍ର ଦେଓଗାଁ ବ୍ଲକ ଅଂଚଳରେ ଏହାକୁ ନେଇ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି । ଆଜିର ଏହି ଅଚାନକ ପେକ୍ସ ପରିଦର୍ଶନ ସମୟରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରି, ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟକାନ୍ତି ଛତ୍ରିଆ, ଗୁଣନିଧି ସାହୁ, ଅସୀତ ମିଶ୍ର, ବିକାଶ ସାହୁ, ସୁଶିଲ ରଣା, ବୁଦ୍ଧଦେବ ସାହୁ, ସୁଧିର ସାହୁ, ଜିତୁ ରଣା, ହରିଶ୍ଚନ୍ଦ୍ର ଭୋଇ, ଅଜିତ ରଣା, ପିତାମ୍ବର ମଲ୍ଲିକ, ରିଙ୍କୁ ରଣା, ବିରେନ ରଣା, ସୁଦାମ ଷାଣ୍ଡ, ତ୍ରିନାଥ ରଣା, ବୈଷ୍ଣବ ଧରୁଆ ଙ୍କ ସମେତ ସହସ୍ରାଧିକ ଚାଷୀ ଉପସ୍ଥିତ ଥିଲେ ।

# ବନ୍ୟା ଦୁର୍ଦ୍ଦଶାରେ ଧାମନଗର: ରିଲିଫ୍ ବଂଟନକୁ ନେଇ ଅସନ୍ତୋଷ, ଧାମନଗର ବନ୍ୟାଂଚଳ ବୁଲିଲେ ପ୍ରଣବ ପ୍ରକାଶ ଦାସ

ଭଦ୍ରକ,୨୧/୦୮ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକର ବନ୍ୟା ପରିସ୍ଥିତି ଜଟିଳ ହେଉଛି ଲୋକଙ୍କ ଅବସ୍ଥା ଯାହା ହେଉଚି ତା ଠାରୁ ଚାଷୀ ଙ୍କ ମେରୁଦଣ୍ଡ ପୁରା ଭାଙ୍ଗି ଗଲା। ବିଭିନ୍ନ ଅଂଚଳ ଜଳମଗ୍ନ ହୋଇଥିବାବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ଚରମସୀମାରେ ପହଂଚିଛି। ଏପରି ସମୟରେ ସରକାରୀ ବନ୍ୟା ସହାୟତା ବଂଟନକୁ ନେଇ ଅସନ୍ତୋଷ ଓ ଅଭିଯୋଗ ସାମ୍ନାକୁ ଆସିଛି। ପ୍ରକୃତ ବନ୍ୟା ପ୍ରଭାବିତ ଙ୍କ ନିକଟରେ ପର୍ଯ୍ୟାପ୍ତ ରିଲିଫ ପହଂଚୁ ନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଧାମନଗର ବ୍ଲକର ଅର୍ଜ୍ଜୁନପୁର ଓ ହସନାବାଦ ପଂଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ବିପନ୍ନଙ୍କ ସହ ଆଲୋଚନା କରିଛନ୍ତି। ଅର୍ଜ୍ଜୁନପୁର ପଂଚାୟତର ବାଲିପାଟଣା, ତରେଇସାହି, ବ୍ରହ୍ମଚାରୀପାଟଣା, ମୁକ୍ତାନଗର, ମଠସାହି ଏବଂ ହସନାବାଦ ପଂଚାୟତର ମଠସାହି, ବନବାଗ, ହସନାବାଦ, ତଳ ଅସ୍ତକ, ଉପର ଅସ୍ତକ, ପଙ୍ଗଟା ଶାସନ ଓ ଅନଳଡିହ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାମବାସୀମାନେ ଶ୍ରୀ ଦାସଙ୍କ ନିକଟରେ ଅଭିଯୋଗ କରି କହିଥିଲେ ଯେ, ସରକାରୀ ବନ୍ୟା ସହାୟତା ସମସ୍ତ ପ୍ରକୃତ ପ୍ରଭାବିତଙ୍କ ପାଖରେ ପହଂଚି ନାହିଁ। କେତେକ ସ୍ଥାନରେ ଚୁଡ଼ା, ଚିନି ଓ ବିସ୍କୁଟ ଭଳି ସାମଗ୍ରୀ ବଂଟନ ହୋଇଥିବା ବେଳେ ଅନେକ ବିପନ୍ନ ପରିବାର ପର୍ଯ୍ୟାପ୍ତ ସହାୟତାରୁ ବଂଚିତ ଥିବା ସେମାନେ କହିଥିଲେ। ସହାୟତା ଅଭାବରେ ସ୍ଥାନୀୟ ସରପଂଚମାନେ ନିଜସ୍ୱ ସ୍ତରରେ ଲୋକଙ୍କୁ ସହାୟତା ଯୋଗାଇ ଦେଉଥିବା ନେଇ ମଧ୍ୟ ଗ୍ରାମବାସୀ ପ୍ରକାଶ କରିଥିଲେ। ବିପନ୍ନଙ୍କ ଅଭିଯୋଗ ଶୁଣି ଶ୍ରୀ ଦାସ ସେମାନଙ୍କ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣିବା ସହ ପ୍ରକୃତ ଦୁର୍ଗତଙ୍କ ନିକଟରେ ସହାୟତା ପହଂଚାଇବା ପାଇଁ ପଦକ୍ଷେପ ନେବାକୁ ଆଶ୍ୱାସନ ଦେଇଥିଲେ। ଏଥିସହ ସରପଂଚଙ୍କ ମାଧ୍ୟମରେ ନିଜସ୍ୱ ସ୍ତରରୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ କହିଥିଲେ। ଏହି ଗସ୍ତ ସମୟରେ ଧାମନଗର ନିର୍ବାଚନମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଯୁବ ସଭାପତି ଭାରତ ବିଜୟ ଦଳେଇ, ଅର୍ଜ୍ଜୁନପୁର ସରପଂଚ ସରିତା ମହାନ୍ତି, ହସନାବାଦ ସରପଂଚ ଅଜୟ ମଲ୍ଲିକ, ପୂର୍ବତନ ବ୍ଲକ ସଭାପତି ଉମେଶ ମହାନ୍ତି, ସମିତି ସଭ୍ୟ ଜ୍ଞାନ ମହାକୁଡ଼ ଓ ସୁଦୀପ୍ତ ଖଟୁଆଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଖଡ଼ିଆଳ କଂଗ୍ରେସ ପକ୍ଷରୁ ସଦ୍‌ଭାବନା ଦିବସ ପାଳନ

ନୂଆପଡ଼ା,୨୧/୦୮ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମଦିବସ ଅବସରରେ ଖଡ଼ିଆଳ କଂଗ୍ରେସ ପକ୍ଷରୁ ଉଗ୍ରସେନ ଭବନଠାରେ ସଦ୍ଭାବନା ଦିବସ ପାଳିତ ହୋଇଛି। ଏହି ଅବସରରେ ଗଣଦୌଡ଼ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆବାହକ କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଗଣଦୌଡ଼ ସାନମହେଶ୍ୱର ଠାରୁ ଖଡ଼ିଆଳ ସହରର ବୋଡ଼େନ ଛକ ପର୍ଯ୍ୟନ୍ତ ପ୍ରାୟ ୧୦ କି.ମି. ଦୂରତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୁଷ ଓ ମହିଳା ବର୍ଗର ୫୦୦ରୁ ଅଧିକ ଯୁବକ-ଯୁବତୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପୁରୁଷ ବର୍ଗରେ ଉତର ପ୍ରଦେଶ ରାଜ୍ୟର ସତୀଶ ବର୍ମା ପ୍ରଥମ, ବୋଡ଼େନର ଅଶୋକ ଦଣ୍ଡସେନା ଦ୍ୱିତୀୟ ଏବଂ ଛତିଶଗଡ଼ର ଆଶୁତୋଷ କୁମାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବର୍ଗରେ ରୁକ୍ମଣୀ ସାହୁ ପ୍ରଥମ, କିରନ ମହୋତା ଦ୍ୱିତୀୟ ଏବଂ ଦିବ୍ୟକାନ୍ତି ଶବର ତୃତୀୟ ସ୍ଥାନ ହାସଲ କରିଥିଲେ। ଏଥିସହ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନ୍ୟ ୪ ଜଣ ଯୁବକଙ୍କୁ ମଧ୍ୟ କଂଗ୍ରେସ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୪୪ ମସିହା ଅଗଷ୍ଟ ୨୦ ତାରିଖରେ ରାଜୀବ ଗାନ୍ଧୀଙ୍କ ଜନ୍ମ ହୋଇଥିଲା। ତାଙ୍କ ସ୍ମୃତିରେ ୧୯୯୨ ମସିହାରୁ ତାଙ୍କ ଜନ୍ମଦିନକୁ 'ସଦ୍ଭାବନା ଦିବସ' ଭାବେ ପାଳନ କରାଯାଉଛି। ଜାତୀୟ ସଂହତି, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଭାଇଚାରା ଓ ସାମାଜିକ ସମନ୍ୱୟର ବାର୍ତା ପ୍ରଚାର ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ଏଆଇସିସି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝି, ବରିଷ୍ଠ ନେତା ଭୀଷ୍ମ ସୁନାନୀ, ଫାରୁକ ମହମ୍ମଦ, ଜିଲ୍ଲା ପରିଷଦ ସଭ୍ୟ ଭରତ ରାଉତ, ବୋଡ଼େନ ବ୍ଲକ ସଭାପତି ଭାଗିରଥି ଦଣ୍ଡସେନା, ଖଡ଼ିଆଳ ବ୍ଲକ ସଭାପତି ବୁଦ୍ଧଦେବ ବେହେରା, ଖଡ଼ିଆଳ ନଗର ସଭାପତି ପ୍ରବୀଣ ରଞ୍ଜନ ପଟ୍ଟନାୟକ, ରବି ମଙ୍ଗରାଜଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଫେରାର ୩ ଅଭିଯୁକ୍ତ ଗିରଫ

ଜୟପୁର,୨୧/୦୮ (ନି.ପ୍ର): ଫେରାର ୩ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଉମୁରି ଗ୍ରାମର ଡେଭିଡ ନାଗ(୨୧) ପେପର ମିଲ୍ ଲେବର କଲୋନି କୁଷରାଜ ଭକ୍ତ(୨୩) ଓ କୁନ୍ତର ଖାଲ ଶଙ୍କର ହରିଜନ(୩୬)। ଜୟପୁର ସଦର ପୋଲିସ ସୂଚନା ଅନୁଯାୟୀ ଗିରଫ ୩ ଅଭିଯୁକ୍ତ ନାମରେ ଥାନାରେ ଅପରାଧିକ ମାମଲା ରହିଥିଲା। ସେହି ଦିନ ଠାରୁ ସେମାନେ ଫେରାର ରହିଥିବା ଆଜି ଚଢ଼ାଉ କରି ୩ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ପତ୍ରାପାଲି ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ ବସ୍ ଦାବି

ଝାରସୁଗୁଡ଼ା,୨୧/୦୮ (ନି.ପ୍ର): କୋଲାବିରା ବ୍ଲକ୍ର ପତ୍ରାପାଲିସ୍ଥିତ ଆଦର୍ଶ ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀଙ୍କ ଦୀର୍ଘଦିନର ଯାତାୟାତ ସମସ୍ୟାର ସମାଧାନ ପାଇଁ ନିଜସ୍ୱ ସ୍କୁଲ ବସ୍ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏନେଇ ଆଂଚଳିକ ବିକାଶ ପରିଷଦ, ଲଇକେରା-କୋଲାବିରା-କିର୍ମିରା ପକ୍ଷରୁ ଗୁରୁବାର ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ବିଦ୍ୟାଳୟର ନିଜସ୍ୱ ବସ୍ ବ୍ୟବସ୍ଥା ନଥିବାରୁ ଛାତ୍ରଛାତ୍ରୀମାନେ ପ୍ରତିଦିନ ଲକ୍ଷ୍ମୀ ବସ୍ ସମେତ ଅନ୍ୟାନ୍ୟ ଘରୋଇ ବସ୍ ଉପରେ ନିର୍ଭର କରି ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ବିଦ୍ୟାଳୟ ଆସିବା ଓ ଛୁଟି ସମୟରେ ବସଗୁଡ଼ିକରେ ଅତ୍ୟଧିକ ଭିଡ଼ ହେଉଥିବାରୁ ଛାତ୍ରଛାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଯାତାୟାତ ସୁରକ୍ଷାକୁ ନେଇ ମଧ୍ୟ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷିତ, ନିୟମିତ ଓ ସୁବିଧାଜନକ ଯାତାୟାତ ପାଇଁ ତୁରନ୍ତ ବିଦ୍ୟାଳୟର ନିଜସ୍ୱ ବସ୍ ବ୍ୟବସ୍ଥା କରାଯିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ପରିଷଦ ଆଶା ପ୍ରକାଶ କରିଛି। ଏହି ଅବସରରେ ପରିଷଦର ସଭାପତି ଜିତେନ୍ଦ୍ରୀୟ ଧୁରୁଆ, ସାଧାରଣ ସମ୍ପାଦକ ସମ୍ବିତ ନାଏକ, କୋଷାଧ୍ୟକ୍ଷ ସୁଖ କିସାନ, ଦୁଲାମଣି ମାଝୀ, ନିଗମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରେ ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନର ନଜର

କେନ୍ଦ୍ରାପଡ଼ା, ୨୦ ଅଗଷ୍ଟ(ହି.ସ.) – କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଂଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ୍ ଓ ଅତ୍ୟାବଶ୍ୟକ ସେବା ଯୋଗାଣ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି। ୨୦ ଅଗଷ୍ଟ ୨୦୨୬ ସନ୍ଧ୍ୟା ୫ଟା ସୁଦ୍ଧା ଜିଲ୍ଲାର ୫ଟି ବ୍ଲକ- ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ପୌରାଂଚଳର ୧୨ଟି ୱାର୍ଡ଼ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୬୬ଟି ଗ୍ରାମ ପଂଚାୟତ ଓ ୧୬୪ଟି ଗ୍ରାମ ପ୍ରଭାବିତ ହୋଇଥିବାବେଳେ ୨,୫୧,୯୬୮ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରୁ ଏପର୍ଯ୍ୟନ୍ତ ୬,୩୫୦ ଜଣଙ୍କୁ ୩୧ଟି ଉଦ୍ଧାର କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି। ଆଜି ୭ଟି କେନ୍ଦ୍ରରେ ୧,୨୬୦ ଜଣ ଆଶ୍ରୟ ନେଇଛନ୍ତି। ଜିଲ୍ଲାରେ ମୋଟ ୩୮ଟି ମୁକ୍ତ ରୋଷେଇ/ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବାବେଳେ ଆଜି ୧୬ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଆଜି ୪,୯୩୫ ଜଣ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ସମୁଦାୟ ଭାବେ ୬,୩୫୦ ଜଣ ହିତାଧିକାରୀ ଏହି ବ୍ୟବସ୍ଥାରୁ ଉପକୃତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରେ ୧୨ଟି ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି। ଏଥିରେ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ୧ଟି, ରାଜନଗରରେ ୩ଟି ଏବଂ ରାଜକନିକାରେ ୨ଟି ଟିମ୍ ରହିଛି। ସେହିପରି ୬ଟି ଭେଟେରିନାରୀ ଟିମ୍ ମଧ୍ୟ ନିୟୋଜିତ ଅଛନ୍ତି। ବନ୍ୟା ପ୍ରଭାବିତ ଲୋକଙ୍କୁ ଜରୁରୀ ରିଲିଫ୍ ଭାବେ ଚାଉଳ, ଚୁଡ଼ା, ଗୁଡ଼/ଚିନି, ବିସ୍କୁଟ୍, ପାଣି ଓ ଅନ୍ୟାନ୍ୟ ସାମଗ୍ରୀ ବଂଟନ କରାଯାଉଛି। ସମୁଦାୟ ଭାବେ ୭୨୮.୯୮ କ୍ୱିଂଟାଲ୍ ଚାଉଳ, ୫୫.୩ କ୍ୱିଂଟାଲ୍ ଚୁଡ଼ା ଓ ୮୧ କ୍ୱିଂଟାଲ୍ ଗୁଡ଼/ଚିନି ବଂଟନ କରାଯାଇଛି। ଏହାସହ ୧୬,୯୧୪ ପ୍ୟାକେଟ୍ ବିସ୍କୁଟ୍, ୧,୧୬,୬୨୦ ବୋତଲ ପାଣି ଓ ୬୧,୦୦୦ ପାଣି ପାଉଚ୍ ଯୋଗାଇ ଦିଆଯାଇଛି। ଆଜି ୨୧୨.୪୫ କ୍ୱିଂଟାଲ୍ ଚୁଡ଼ା, ୮.୮୫ କ୍ୱିଂଟାଲ୍ ଗୁଡ଼/ଚିନି, ୨,୪୦୪ ପ୍ୟାକେଟ୍ ବିସ୍କୁଟ୍, ୨୮,୭୦୦ ବୋତଲ ପାଣି ଓ ୧୭,୫୦୦ ପାଣି ପାଉଚ୍ ବଂଟନ କରାଯାଇଛି। ବନ୍ୟାଜଳରେ ବୁଡ଼ିଯିବା କାରଣରୁ ୧୪୨ଟି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ପାଇଁ ୮ଟି ପାୱାର ବୋଟ୍, ୧୩୭ଟି ଦେଶୀ ଡଙ୍ଗା ଏବଂ ୧୭ଟି ମେକାନାଇଜ୍ଡ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି। ବନ୍ୟା ପ୍ରଭାବରେ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଂଚଳ ପ୍ରଭାବିତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବନ୍ୟାଜଳ ହ୍ରାସ ପରେ ଫସଲ ଓ ଘରବାଡ଼ି କ୍ଷୟକ୍ଷତିର ବିସ୍ତୃତ ଆକଳନ କରାଯିବ। ବ୍ରାହ୍ମଣୀ ନଦୀ ଅଲଭା ଠାରେ ଜଳସ୍ତର ୫.୯୦ ମିଟର, ଯାହାର ବିପଦ ସଙ୍କେତ ୪.୮୮ ମିଟର। ଗୋପାଳପୁର ଠାରେ ଜଳସ୍ତର ୧୦.୨୧ ମିଟର, ବିପଦ ସଙ୍କେତ ୧୦.୦୫ ମିଟର ରହିଛି। ଜେନାପୁର ଆନିକଟରେ ଜଳସ୍ତର ୬୪.୪୦ ଫୁଟ୍, ବିପଦ ସଙ୍କେତ ୬୭ ଫୁଟ୍ ରହିଛି। ବୈତରଣୀ ନଦୀ ଆଖୁଆପଦା ଠାରେ ଜଳସ୍ତର ୧୮.୦୭ ମିଟର, ବିପଦ ସଙ୍କେତ ୧୮.୩୩ ମିଟର ରହିଛି। ମୁଣ୍ଡଳୀ ଠାରେ ୪,୭୪,୬୨୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ୨୦ ଅଗଷ୍ଟ ୨୦୨୬ରେ ଜିଲ୍ଲାରେ ମୋଟ ୪୭ ମି.ମି. ବର୍ଷା ରେକର୍ଡ଼ ହୋଇଥିବାବେଳେ ଜିଲ୍ଲାର ହାରାହାରି ବର୍ଷା ୫.୨୨ ମି.ମି. ରହିଛି।

# ଲଗାଣ ବର୍ଷାରେ ଘର ଭାଙ୍ଗିଲା: ସହାୟତା ପାଇଁ ଏସଆରସିଙ୍କ ଦ୍ୱାରସ୍ଥ ବିଧାୟକ

ଝାରସୁଗୁଡ଼ା,୨୧/୦୮ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷାରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଂଚଳରେ ଜନଜୀବନ ପ୍ରଭାବିତ ହୋଇଛି । ଝାରସୁଗୁଡ଼ା ପୌରପାଳିକା ସମେତ କୋଲାବିରା, କିର୍ମିରା ଓ ଲଇକେରା ବ୍ଲକ୍ ରେ ଲଗାଣ ବର୍ଷା ଯୋଗୁଁ ବହୁ ପରିବାର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବିଶେଷକରି ଗରିବ ଓ ଅର୍ଥନୈତିକ ଦୁର୍ବଳ ପରିବାରଙ୍କ କଚ୍ଚା ଘର ଭାଙ୍ଗିଯିବାରୁ ଅନେକ ପରିବାର ବାସହୀନ ହୋଇପଡ଼ିଛନ୍ତି।

ଏହି ପରିସ୍ଥିତିରେ ପ୍ରଭାବିତ ପରିବାରଙ୍କୁ ତୁରନ୍ତ ରିଲିଫ୍, କ୍ଷତିପୂରଣ ଓ ପୁନର୍ବାସ ସହାୟତା ଯୋଗାଇବା ଦାବିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓଡ଼ିଶାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଭେଟିଛନ୍ତି । ଏ ନେଇ ସେ ଏସଆରସିଙ୍କୁ ଏକ ଲିଖିତ ଦାବିପତ୍ର ମଧ୍ୟ ପ୍ରଦାନ କରିଛନ୍ତି। ଦାବିପତ୍ରରେ କ୍ଷତିଗ୍ରସ୍ତ ଘରଗୁଡ଼ିକର ତୁରନ୍ତ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହ ଯୋଗ୍ୟ ପରିବାରଙ୍କୁ ନିୟମାନୁସାରେ ରିଲିଫ୍ ଓ କ୍ଷତିପୂରଣ ପ୍ରଦାନ ପାଇଁ ବିଧାୟକ ଦାବି କରିଛନ୍ତି। ସମ୍ପୂର୍ଣ୍ଣ ଭାବେ ଘର ନଷ୍ଟ ହୋଇଥିବା ପରିବାରଙ୍କୁ ତୁରନ୍ତ ଅସ୍ଥାୟୀ ଆଶ୍ରୟ ଯୋଗାଇବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି । ଏଥିସହ ଗରିବ ଓ ଅର୍ଥନୈତିକ ଦୁର୍ବଳ ପରିବାରଙ୍କ କଚ୍ଚା ଘର ପୁନଃନିର୍ମାଣ ପାଇଁ ସ୍ୱତନ୍ତ୍ର ସହାୟତା, ଘରୋଇ ସାମଗ୍ରୀ ଓ ଅତ୍ୟାବଶ୍ୟକ ଜିନିଷପତ୍ର ନଷ୍ଟ ହୋଇଥିବା ପରିବାରଙ୍କୁ ଆବଶ୍ୟକ ସହାୟତା ଏବଂ ଶୀଘ୍ର ରିଲିଫ୍ ବଣ୍ଟନ ପାଇଁ ସେ ଦାବି ରଖିଛନ୍ତି। ବର୍ଷାରେ ପ୍ରଭାବିତ ପରିବାରଗୁଡ଼ିକୁ ଆଉ ଅଧିକ ସମୟ ଆଶ୍ରୟହୀନ ଅବସ୍ଥାରେ ରହିବାକୁ ନ ପଡ଼ିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ସମ୍ପୃକ୍ତ କର୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

# ଖଡ଼ିଆଳ ସହରରେ ବଢୁଛି ବୁଲା କୁକୁରଙ୍କ ସଂଖ୍ୟା: ଏନ୍ଏସି ନିରବ


ନୂଆପଡ଼ା,୨୧/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ସହରର ବିଭିନ୍ନ ଗଳି, ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଦଳ ଦଳ ହୋଇ ବୁଲୁଥିବା କୁକୁରଙ୍କ ଯୋଗୁଁ ସାଧାରଣ ଲୋକେ ଭୟଭୀତ ହେଉଛନ୍ତି। ବିଶେଷକରି ରାତି ସମୟରେ କୁକୁରଙ୍କ ଉତ୍ପାତ ବଢ଼ିଯାଉଥିବାରୁ ଦୁଇଚକିଆ ଯାନରେ ଯାତାୟାତ କରୁଥିବା ଲୋକେ ବିପଦର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ କୁକୁରମାନେ ଗାଡ଼ି ପଛରେ ଗୋଡ଼ାଇବା ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହୁଛି। ଛୋଟ ପିଲା ଓ ବୃଦ୍ଧମାନଙ୍କୁ ମଧ୍ୟ କୁକୁର କାମୁଡ଼ିବା ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ରୋକିବା ସହ ଟିକାକରଣ, ଧରପଗଡ଼ ଓ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ଏହି ସମସ୍ୟା ପ୍ରତି ଖଡ଼ିଆଳ ଏନ୍ଏସି ପକ୍ଷରୁ ଏଯାଏଁ ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି।

# ଫୁଲବାଣୀରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଂଟର ଶୁଭାରମ୍ଭ: ରାଜ୍ୟର ୪୮ଟି ଦଳ ଭାଗ ନେଇଛନ୍ତି

କନ୍ଧମାଳ,୨୧/୦୮ (ନି.ପ୍ର): କନ୍ଧମାଳ କନ୍ଧମାଳରେ ଆଜି ଠାରୁ ଆରମ୍ଭ ହୋଇଛି ୮୧ତମ ରାଜ୍ୟ ପୁଲିସ ଫୁଟବଲ୍ ଚାମ୍ପିୟନସିପ୍। କନ୍ଧମାଳ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ୱାବଧାନରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ଆଜି ଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ।୧୨ ଦିନ ଧରି କନ୍ଧମାଳରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଂଟର ଉଦଘାଟନୀ ଦିବସରେ ପୋଲିସ୍ଆ ଦକ୍ଷୀଣାଂଚଳ ଆଇଜି ଶ୍ରୀ ନୀତି ଶେଖର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଚାମ୍ପିୟନସିପ୍ରେ ରାଜ୍ୟର ବିଭିନ୍ନ ଜିଲ୍ଲା ପୁଲିସ ଓ ସଶସ୍ତ୍ର ପୁଲିସ ବାହିନୀର ମୋଟ ୪୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ଦଳଗୁଡ଼ିକ ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ପରେ ଯୋଗ୍ୟତା ହାସଲ କରିଥିବା ଦଳଗୁଡ଼ିକୁ ନେଇ ନକ୍ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ। ପ୍ରତିଯୋଗିତାରେ ପ୍ରତିଦିନ ପ୍ରାୟ ୫ରୁ ୬ଟି ମ୍ୟାଚ୍ ଖେଳାଯିବ। ଏହା ଫୁଲବାଣୀ ସ୍ଥିତ କନ୍ଧମାଳ ଷ୍ଟାଡିୟମ ସମେତ କରୋନେସନ ପଡ଼ିଆ, ମାଦିକୁଦା ରିଜର୍ଭ ପୋଲିସ ପଡ଼ିଆ ଏବଂ ବୁଢ଼ାଦାନୀ ଖେଳ ପଡ଼ିଆ ଫୁଟବଲ୍ ଗ୍ରାଉଣ୍ଡରେ ଏହି ଟୁର୍ଣ୍ଣାମେଂଟର ରୋମାଂଚକର ମଚ୍ଗୁଡ଼ିକ ଦେଖିବାକୁ ମିଳିବ। ଆଜିର ଉଦ୍ଘାଟନୀ ମ୍ୟାଚ୍ରେ କନ୍ଧମାଳ ପୋଲିସ୍ ଟିମ୍ ଓ ସିଗ୍ନାଲ କଟକ ପରସ୍ପରକୁ ଭେଟିଛନ୍ତି। ମ୍ୟାଚ୍ଟି ସକାଳ ୯ଟା ୩୦ ମିନିଟ୍ରେ କନ୍ଧମାଳ ରିଜର୍ଭ ପୁଲିସ ପରେଡ୍ ଗ୍ରାଉଣ୍ଡରେ ଖେଳ ଆରମ୍ଭ ହୋଇଛି। ରାଜ୍ୟ ପୁଲିସର ଏହି ବଡ଼ ଧରଣର କ୍ରୀଡ଼ା ଆୟୋଜନକୁ ନେଇ କନ୍ଧମାଳ ଜିଲ୍ଲାର ଫୁଟବଲ୍ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଚାମ୍ପିୟନସିପ୍ ଅବସରରେ ବିଭିନ୍ନ ଅଂଚଳରେ ଫୁଟବଲ ପ୍ରେମୀଙ୍କ ଭିଡ଼ ଜମିବା ସହ ରାଜ୍ୟ ପୁଲିସର ଶ୍ରେଷ୍ଠ ଫୁଟବଲ୍ ଦଳ କିଏ ହେବ, ତାହାକୁ ନେଇ ରୋମାଂଚ ବଢ଼ିବା ନେଇ ଆଶା କରାଯାଉଛି।

# ପିଲାଙ୍କଠାରେ ଦେଖାଦେଉଛି ଦୃଷ୍ଟି ସମସ୍ୟା : ଜାଣନ୍ତୁ ଏହାର ଲକ୍ଷଣ

ସାଧାରଣ ରୋଗକୁ ସହଜରେ ଚିହ୍ନଟ କରାଯାଇପାରେ କିନ୍ତୁ ପିଲାମାନଙ୍କଠାରେ ଦୃଷ୍ଟି ସମସ୍ୟାକୁ ଆରମ୍ଭରୁ ଚିହ୍ନଟ କରିବା ସହଜ ନୁହେଁ। ଅନେକ ସମୟରେ ପିଲାମାନେ ନିଜ ଦୃଷ୍ଟିରେ ସମସ୍ୟା ଥିବା କଥା ଅନୁଭବ କରିପାରନ୍ତି ନାହିଁ । ଫଳରେ ଟିଭି ପାଖରେ ବସିବା, ପଢ଼ିବା ସମୟରେ ଆଖି ମକଚିବା କିମ୍ବା ବାରମ୍ବାର ମୁଣ୍ଡବିନ୍ଧା ଭଳି ଲକ୍ଷଣକୁ ପିତାମାତା ସାଧାରଣ ଅଭ୍ୟାସ ବୋଲି ଭାବନ୍ତି । ଚକ୍ଷୁ ବିଶେଷଜ୍ଞଙ୍କ କହିବା ଅନୁସାରେ, ଏପରି କିଛି ସୂକ୍ଷ୍ମ ଲକ୍ଷଣ ଦୃଷ୍ଟି ସମସ୍ୟାର ସଙ୍କେତ ହୋଇପାରେ। ତେଣୁ ଏଗୁଡ଼ିକ ବାରମ୍ବାର ଦେଖାଦେଲେ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଇବା ଜରୁରୀ ।



୧. ଟିଭି କିମ୍ବା ସ୍କ୍ରିନ୍‌ର ଅତି ନିକଟରେ ବସିବା
ପିଲା ନିୟମିତ ଭାବେ ଟିଭି ପାଖରେ ବସୁଥିଲେ କିମ୍ବା ବହିକୁ ମୁହଁର ଅତି ନିକଟରେ ଧରି ପଢୁଥିଲେ ଏହାକୁ ଅଣଦେଖା କରନ୍ତୁ ନାହିଁ। ଦୂରର ଜିନିଷ ସ୍ପଷ୍ଟ ଦେଖିବାରେ ସମସ୍ୟା ଥିଲେ ପିଲା ଏପରି କରିପାରେ।

୨. ବାରମ୍ବାର ଆଖି ମକଚିବା କିମ୍ବା ବନ୍ଦ କରିବା
କିଛି ଦେଖିବା କିମ୍ବା ପଢ଼ିବା ସମୟରେ ପିଲା ବାରମ୍ବାର ଗୋଟିଏ କିମ୍ବା ଦୁଇଟି ଆଖି ମକଚୁଥିଲେ କିମ୍ବା ବନ୍ଦ କରୁଥିଲେ ଏହା ଦୃଷ୍ଟି ସମସ୍ୟାର ସଙ୍କେତ ହୋଇପାରେ।

୩. ବୋର୍ଡରୁ ଲେଖା କପି କରିବାରେ ସମସ୍ୟା
ଶ୍ରେଣୀଗୃହର ବୋର୍ଡରୁ ଲେଖା କପି କରିବା ସମୟରେ ପିଲା ବାରମ୍ବାର ଭୁଲ କରୁଥିଲେ ତାହାକୁ କେବଳ ଅସାବଧାନତା ବୋଲି ଧରିନିଅନ୍ତୁ ନାହିଁ। ଦୂରର ଲେଖା ଦେଖିବାରେ ଅସୁବିଧା ଏହାର କାରଣ ହୋଇପାରେ।

୪. ବାରମ୍ବାର ମୁଣ୍ଡବିନ୍ଧା
ପିଲା ସ୍କୁଲରୁ ଫେରିବା ପରେ କିମ୍ବା ଦୀର୍ଘ ସମୟ ପଢ଼ିବା ପରେ ନିୟମିତ ମୁଣ୍ଡବିନ୍ଧା ଅଭିଯୋଗ କଲେ ଏହା ଆଖିର ଚାପ ସହ ଜଡ଼ିତ ହୋଇପାରେ।


୫. ମୁଣ୍ଡକୁ ଏକ ନିର୍ଦ୍ଦିଷ୍ଟ ପାର୍ଶ୍ୱକୁ ଢଳାଇ ଦେଖିବା
ପିଲା କିଛି ଦେଖିବା କିମ୍ବା ପଢ଼ିବା ସମୟରେ ବାରମ୍ବାର ମୁଣ୍ଡକୁ ଗୋଟିଏ ପାର୍ଶ୍ୱକୁ ଢଳାଇ ରଖୁଥିଲେ ଏହାର ପଛରେ ଦୃଷ୍ଟି ସମସ୍ୟା କିମ୍ବା ସ୍କ୍ୱିଣ୍ଟ୍ ଭଳି ସମସ୍ୟା ଥାଇପାରେ।

୬. ଆଲୋକ କିମ୍ବା ଅନ୍ଧାରରେ ଦେଖିବାରେ ଅସୁବିଧା
ଉଜ୍ଜ୍ୱଳ ଆଲୋକରେ ଦେଖିବାରେ ଅସୁବିଧା, ଆଖିରେ ଅସ୍ୱସ୍ତି କିମ୍ବା କମ୍ ଆଲୋକରେ ଜିନିଷ ଦେଖିବାରେ ସମସ୍ୟା ହେଉଥିଲେ ଏହାକୁ ମଧ୍ୟ ଅଣଦେଖା କରିବା ଠିକ୍ ନୁହେଁ।

୭. ଦୃଷ୍ଟି ଉପରେ ଅଧିକ ଚାପ ଦେଇ ଦେଖିବା
ପିଲା ଦୂରର କୌଣସି ଜିନିଷ ଦେଖିବା କିମ୍ବା ପଢ଼ିବା ସମୟରେ ଅସାଧାରଣ ଭାବେ ଆଖିରେ ଚାପ ଦେଉଥିଲେ, ଏହା ଦୃଷ୍ଟି ସ୍ପଷ୍ଟତା ସମ୍ପର୍କିତ ସମସ୍ୟାର ସଙ୍କେତ ହୋଇପାରେ। ପିଲା ଛୋଟ ଥିବାରୁ ତାଙ୍କର ଆଖିରେ ସମସ୍ୟା ହେବ ନାହିଁ ବୋଲି ଭାବିବା ଭୁଲ। ଅନେକ ପିଲା ନିଜ ଦୃଷ୍ଟି ସାଧାରଣ ନୁହେଁ ବୋଲି ବୁଝିପାରନ୍ତି ନାହିଁ, କାରଣ ସେମାନେ ଛୋଟବେଳୁ ଯେଭଳି ଦେଖୁଛନ୍ତି ତାହାକୁ ହିଁ ସାଧାରଣ ବୋଲି ଧରିନିଅନ୍ତି। ତେଣୁ ପିଲାଙ୍କ ଆଚରଣରେ ଏପରି ଲକ୍ଷଣ ବାରମ୍ବାର ଦେଖାଦେଲେ ପିତାମାତା ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ସମୟ ମଧ୍ୟରେ ଦୃଷ୍ଟି ସମସ୍ୟା ଚିହ୍ନଟ ହେଲେ ଆବଶ୍ୟକ ଚିକିତ୍ସା କିମ୍ବା ହସ୍ତକ୍ଷେପ ଶୀଘ୍ର ଆରମ୍ଭ କରାଯାଇପାରିବ। ପିଲାଙ୍କ ଦୃଷ୍ଟି ସମ୍ପର୍କିତ କୌଣସି ଅସାଧାରଣ ଲକ୍ଷଣ ନିୟମିତ ଭାବେ ଦେଖାଦେଲେ ନିଜେ ଅନୁମାନ କରିବା ପରିବର୍ତ୍ତେ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଆଖି ପରୀକ୍ଷା କରାଇବା ଅଧିକ ସୁରକ୍ଷିତ।

# ପକୋଡା ଛାଣିବା ପରେ ଛଣା ତେଲକୁ ଏମିତି କରନ୍ତୁ ଆଉଥରେ ବ୍ୟବହାର

ଘରେ ପକୋଡ଼ା, ପୁରି କିମ୍ବା ଅନ୍ୟ କିଛି ଜିନିଷ ଛାଣିବା ପରେ କଡ଼େଇରେ ଅନେକ ସମୟରେ ତେଲ ବଳିଯାଏ। ଏହି ବଳକା ତେଲକୁ ଅନେକେ ଫିଙ୍ଗି ଦିଅନ୍ତି। ତେବେ ଠିକ୍ ଭାବେ ସଂରକ୍ଷଣ କଲେ ଏହି ତେଲକୁ କିଛି କାମରେ ପୁଣି ବ୍ୟବହାର କରାଯାଇପାରିବ। ତେବେ ସମସ୍ତ ବଳକା ତେଲ ପୁନଃବ୍ୟବହାର ଯୋଗ୍ୟ ନୁହେଁ। ତେଲର ଅବସ୍ଥା ଦେଖି ଏହାକୁ ବ୍ୟବହାର କରିବା ଜରୁରୀ।



*ପ୍ରଥମେ ତେଲକୁ ଭଲ ଭାବେ ଛାଣନ୍ତୁ*
ପକୋଡ଼ା କିମ୍ବା ପୁରୀ ଛାଣିବା ପରେ ତେଲରେ ବେସନ, ମଇଦା କିମ୍ବା ଖାଦ୍ୟର ଛୋଟ ଛୋଟ କଣିକା ରହିଯାଏ। ଏହି କଣିକା ତେଲକୁ ଶୀଘ୍ର ନଷ୍ଟ କରିପାରେ। ତେଣୁ ତେଲକୁ ପ୍ରଥମେ ସମ୍ପୂର୍ଣ୍ଣ ଥଣ୍ଡା କରି ସୂକ୍ଷ୍ମ ଛଣା କିମ୍ବା ସଫା କପଡ଼ାରେ ଛାଣି ନିଅନ୍ତୁ। ପରେ ଏହାକୁ ସଫା ଓ ଶୁଖିଲା ପାତ୍ରରେ ରଖନ୍ତୁ।

*୧. ଡାଲି ଓ ତରକାରୀରେ ଛୁଙ୍କ*
ବଳକା ତେଲକୁ ପୁଣି ଛାଣିବା ପାଇଁ ବ୍ୟବହାର ନକରି ଡାଲି, ତରକାରୀରେ ଛୁଙ୍କ ଦେବା ପାଇଁ ବ୍ୟବହାର କରିପାରିବେ। ଭଜା ତେଲରେ ଥିବା ସୁଗନ୍ଧ ଖାଦ୍ୟର ସ୍ୱାଦକୁ ମଧ୍ୟ ବଢ଼ାଇପାରେ।

*୨. ଶୁଖିଲା ତରକାରୀରେ ବ୍ୟବହାର*
ଆଳୁ, ଭେଣ୍ଡି, ବନ୍ଧାକୋବି ଭଳି ଶୁଖିଲା ତରକାରୀ ରାନ୍ଧିବା ସମୟରେ ଅଳ୍ପ ପରିମାଣର ବଳକା ତେଲ ବ୍ୟବହାର କରିପାରିବେ। ତେବେ ତେଲରେ ପୋଡ଼ା ଗନ୍ଧ ନଥିବା ଜରୁରୀ।

*୩.ସ୍ନାକ୍ସ ତିଆରିରେ ବ୍ୟବହାର*
ବଳକା ତେଲ ଯଦି ଅଧିକ ଗାଢ଼ ହୋଇନଥାଏ କିମ୍ବା ପୋଡ଼ା ଗନ୍ଧ ନଥାଏ, ତେବେ ପରଟା କିମ୍ବା ନମକିନ୍ ତିଆରି ସମୟରେ ମଇଦାରେ ଅଳ୍ପ ପରିମାଣର ତେଲ ମିଶାଇପାରିବେ। ଏହା ଖାଦ୍ୟକୁ କ୍ରିସ୍ପି କରିବାରେ ସହାୟକ ହୋଇପାରେ।

*୪. ଆଚାର କିମ୍ବା ସସ୍‌ରେ ବ୍ୟବହାର*
ସଫା ଓ ଦୁର୍ଗନ୍ଧମୁକ୍ତ ବଳକା ତେଲକୁ ଘରୋଇ ଆଚାର ଉପରେ ଅଳ୍ପ ପରିମାଣରେ ବ୍ୟବହାର କରାଯାଇପାରେ। ତେବେ ଏଥିପାଇଁ ତେଲ ସଫା ଓ ଖାଦ୍ୟଯୋଗ୍ୟ ଅବସ୍ଥାରେ ଥିବା ଆବଶ୍ୟକ।

*୫. ଘରର ଅନ୍ୟ କାମରେ ବ୍ୟବହାର*
ଖାଦ୍ୟରେ ବ୍ୟବହାର କରିବାକୁ ଇଚ୍ଛା ନଥିଲେ ବଳକା ତେଲକୁ କିଛି ଘରୋଇ କାମରେ ବ୍ୟବହାର କରିହେବ। କବାଟର କବଜାରେ ଅଳ୍ପ ତେଲ ଲଗାଇଲେ କର୍କଶ ଶବ୍ଦ କମିପାରେ। ଧାତୁର କିଛି ଜିନିଷରେ ତେଲ ଲଗାଇଲେ ଆର୍ଦ୍ରତାରୁ ସୁରକ୍ଷା ମିଳିପାରେ।

*୬. କାଠ ଆସବାବପତ୍ରରେ ବ୍ୟବହାର*
କିଛି ଲୋକ ପୁରୁଣା କାଠ ଆସବାବପତ୍ରରେ ଅଳ୍ପ ତେଲ ଲଗାଇ ପଲିସ୍ ଭଳି ବ୍ୟବହାର କରନ୍ତି। କିନ୍ତୁ କୌଣସି ମୂଲ୍ୟବାନ କିମ୍ବା ନୂଆ ଫର୍ଣ୍ଣିଚରରେ ଲଗାଇବା ପୂର୍ବରୁ ଛୋଟ ଅଂଶରେ ପରୀକ୍ଷା କରିବା ଭଲ।

*୭. ବଗିଚାରେ ସାବଧାନତାର ସହ ବ୍ୟବହାର*
ବଳକା ରନ୍ଧଣ ତେଲକୁ ସିଧାସଳଖ ଗଛର ମାଟିରେ ଢାଳିବା ଉଚିତ୍ ନୁହେଁ। ଏହା ମାଟିର ଗୁଣ ଓ ଗଛର ମୂଳକୁ କ୍ଷତି କରିପାରେ। ତେଣୁ ବଗିଚାରେ ବ୍ୟବହାର କରିବାକୁ ହେଲେ ଉପଯୁକ୍ତ ଉଦ୍ଭିଦ-ସୁରକ୍ଷା ପଦ୍ଧତି ବିଷୟରେ ନିଶ୍ଚିତ ହୋଇ ତାହା ପରେ ବ୍ୟବହାର କରନ୍ତୁ।

# କଦଳୀପତ୍ରରେ ଖାଦ୍ୟ ଖାଇବା କେତେ ଲାଭଦାୟକ ଜାଣନ୍ତୁ

ପୂର୍ବରୁ ଖାଦ୍ୟ ପତ୍ରରେ ପରସା ଯାଉଥିଲା। କଦଳୀ ପତ୍ର, ଶାଳ ପତ୍ରରେ ଖାଦ୍ୟ ଖାଇବା ସଂସ୍କୃତି ଏବେ କାଚ ଓ ଫାଇବର ପ୍ଲେଟ୍‌କୁ ପରିବର୍ତ୍ତନ ହୋଇଛି। କିନ୍ତୁ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଅନେକ ଲାଭ ମିଳୁଥିଲା। ପୂଜା ପର୍ବାଣୀ ହେଉ ଅବା ଭୋଜି କଦଳୀ ପତ୍ରରେ ଖାଦ୍ୟ ଖାଇବା ପରମ୍ପରା ଆଜି ମଧ୍ୟ ଅଛି। ତେବେ ଜାଣିବା ଏଥିରେ ଖାଦ୍ୟ ଖାଇଲେ କ'ଣ ଲାଭ ହୋଇଥାଏ।
କଦଳୀ ପତ୍ରରେ ମିଳୁଥିବା ପଲିଫେନୋଲଗୁଡ଼ିକ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ, ଯାହା ଗ୍ରୀନ୍ ଟି' ଏବଂ କିଛି ଫଳରୁ ମଧ୍ୟ ମିଳିଥାଏ। ଯେତେବେଳେ ପତ୍ରରେ ଗରମ ଖାଦ୍ୟ ପରିବେଷଣ କରାଯାଏ ଏହି ଯୌଗିକଗୁଡ଼ିକ ଖାଦ୍ୟରେ ଦ୍ରବୀଭୂତ ହୋଇଯାଏ। ଏହା ଶରୀରକୁ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ କର୍କଟ, ହୃଦରୋଗ ଓ ମଧୁମେହର ଆଶଙ୍କା ହ୍ରାସ କରିପାରେ।
କଦଳୀ ପତ୍ରରେ ମଧ୍ୟ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥାଏ। ପତ୍ର ପୃଷ୍ଠରେ ଥିବା କିଛି ଯୌଗିକ ଜୀବାଣୁକୁ ବୃଦ୍ଧି ପାଇବାରୁ ରୋକିଥାଏ। ଏହା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କାକୁ ହ୍ରାସ କରେ ଏବଂ ଖାଦ୍ୟକୁ ସୁରକ୍ଷିତ କରିଥାଏ।
କଦଳୀ ପତ୍ରର ବାହାର ସ୍ତର ଉପରେ ଥିବା ପ୍ରାକୃତିକ ମହମ ପରି ଉପାଦାନଗୁଡ଼ିକ ହଜମ କରିବାରେ ସାହାଯ୍ୟ କରେ। ଯେତେବେଳେ ଗରମ ଖାଦ୍ୟ ଏଥିରେ ରଖାଯାଏ ଏହି ସ୍ତର ଟିକେ ତରଳିଯାଏ। ଯାହା ପାଚନ ଉପାଦାନଗୁଡ଼ିକୁ ଖାଦ୍ୟରେ ମୁକ୍ତ କରେ। ଏହା ହଜମକୁ ଉନ୍ନତ କରେ ଏବଂ ପେଟ ସଫା ରଖିବାରେ ସାହାଯ୍ୟ କରେ। ପ୍ଲାଷ୍ଟିକ୍ କିମ୍ବା ସିନ୍ଥେଟିକ୍ ପ୍ଲେଟ୍ ପରି କଦଳୀ ପତ୍ର ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ। ଏଥିରେ ପ୍ଲାଷ୍ଟିକ୍‌ରେ ମିଳୁଥିବା ବିପିଏ କିମ୍ବା ପାଥାଲେଟସ୍ ଭଳି



କ୍ଷତିକାରକ ପଦାର୍ଥ ନାହିଁ। ଏହା ଆପଣଙ୍କ ଖାଦ୍ୟରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବାର ଆଶଙ୍କାକୁ ଦୂର କରେ। କଦଳୀ ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପଲିଫେନୋଲ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରରେ କ୍ଷତିକାରକ ଜୀବାଣୁର ପ୍ରବେଶକୁ ହ୍ରାସ କରିପାରେ। ଏହା ସଂକ୍ରମଣର ଆଶଙ୍କା ହ୍ରାସ କରେ ଏବଂ ଶରୀରର ପ୍ରତିରକ୍ଷାକୁ ଉନ୍ନତ କରେ। ଏହା ସହିତ କଦଳୀ ପତ୍ର ଖାଇବା ପରିବେଶ ପାଇଁ ମଧ୍ୟ ଲାଭଦାୟକ। ଏଗୁଡ଼ିକ ସମ୍ପୂର୍ଣ୍ଣ ଜୈବ ବିକ୍ରୟଯୋଗ୍ୟ ଏବଂ ଅପଚୟରେ ଯୋଗ କରନ୍ତି ନାହିଁ। ଏହା ବ୍ୟତିତ ଗରମ ଖାଦ୍ୟ ଦ୍ୱାରା ନିର୍ଗତ ପ୍ରାକୃତିକ ସୁଗନ୍ଧ ଦ୍ୟରଖା ସ୍ୱାଦ ଏବଂ ସୁଗନ୍ଧକୁ ବୃଦ୍ଧି କରିଥାଏ ଯାହା ଖାଇବା ଅଭିଜ୍ଞତା ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ।

# ରହିବନି ଆଉ ଷ୍ଟ୍ରେଚ୍‌ମାର୍କ: ଆପଣାନ୍ତୁ ଘରୋଇ ଉପଚାର...

ଷ୍ଟ୍ରେଚ୍‌ମାର୍କ ସାଧାରଣଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଏହାବାଦ୍ ଆମେ ଘରୋଇ ଉପଚାର ମାଧ୍ୟମରେ ମଧ୍ୟ ଏହାକୁ ଦୂର କରିପାରିବା। ଚାଲନ୍ତୁ ଜାଣିବା ଘରେ କିପରି ତିଆରି ସହଜ ଉପାୟରେ ତିଆରି କରିବା...




ଚନ୍ଦନ ପ୍ୟାକ୍ :
ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦିକ ବିୟୁଟି ପ୍ରଡକ୍ଟ ଭାବେ ମଧ୍ୟ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ମଧ୍ୟ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏଥିରେ ଆପଣ ଟୋମାଟେ ରସ ଓ ମହୁ ମଧ୍ୟ ମିଶାଇପାରିବେ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର କରନ୍ତୁ।

ଆଲୋଭେରା:
ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ। କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ। ସେହିପରି କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ବାଦାମ ପାଉଡ଼ର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଡାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାକ ଦୂର କରିବାରେ ସାହାଯ୍ୟ କରେ।

# ଶରୀରରେ ପ୍ରୋଟିନ୍ ଅଭାବ ହେଲେ ଉପୁଜିପାରେ ଅନେକ ସମସ୍ୟା: ଏହି ସବୁ ଖାଦ୍ୟ ଖାଇବା ଭଲ

ପ୍ରୋଟିନ୍ ଜଣେ ମଣିଷ ଶରୀର ପାଇଁ କେତେ ଆବଶ୍ୟକ ତାହା କହିବା ଜରୁରୀ ନୁହେଁ। ଶରୀରରେ ପ୍ରୋଟିନ୍‌ର ଅଭାବ ରହିଲେ ଭିନ୍ନ ଭିନ୍ନ ଧରଣର ରୋଗ ସୃଷ୍ଟି ହୋଇଥାଏ। ଶରୀର ଦୈନିକ ପ୍ରୋଟିନ୍ ଆବଶ୍ୟକ କରୁଥାଏ। ଯଦି ଆପଣ ଦୈନିକ କିଛି ନା କିଛି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଉନାହାନ୍ତି ତେବେ ଆପଣଙ୍କ ଶରୀର ଅସୁସ୍ଥ ହେବା ପାଇଁ ବିଶେଷ ସମୟ ନେବ ନାହିଁ। ଯଦି ଆପଣ ବ୍ୟାୟାମ କଲା ବେଳେ ବା ଦୌଡ଼ଧାଁଆ କରିବା ବେଳେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍‌ର ଅଭାବ



ରହିଛି। ଶରୀରକୁ ଯେତିକି ପରିମାଣର ପ୍ରୋଟିନ୍ ଦରକାର ସେତିକି ପରିମାଣର ନାହିଁ। ନିଦ ନ ହେବା ସମସ୍ୟା ବି ପ୍ରୋଟିନ୍ ଅଭାବ ସହ ଯୋଡ଼ା। ଶରୀରରେ ପ୍ରୋଟିନ ଭାଗ କମ୍ ଥିଲେ ନିଦ ନହେବା, ଭୋକ ମରିଯିବା ଏବଂ ଚିଡ଼ିଚିଡ଼ା ଲାଗିବା ଆଦି ସମସ୍ୟା ଦେଖା ଯାଇଥାଏ। ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି ବା ହରମନ ଅସନ୍ତୁଳନ କିମ୍ବା ଅଧିକ ଶର୍କରା ଭାଗ ଦେଖା ଦେଉଛି ତାହେଲେ ବି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି। ଯଦି ଆପଣଙ୍କ ଶରୀର କୌଣସି କ୍ଷତ ସୁଖିବା ପାଇଁ ସମୟ ନେଉଛି ତାହାଲେ ଜାଣିରଖନ୍ତୁ ଯେ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି। ଅଚାନକ ଓଜନ ବୃଦ୍ଧି ପାଇବା ବି ପ୍ରୋଟିନ୍ ଅଭାବର ଲକ୍ଷଣ। ପ୍ରୋଟିନ୍ ଅଭାବ ଥିଲେ ଉଭୟ ସ୍ୱାସ୍ଥ୍ୟ କମିଥାଏ ନଚେତ ବଢ଼ିଥାଏ। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଜଣେ ପୁରୁଷ ଶରୀର ପାଇଁ ୫୬ ଗ୍ରାମ ଏବଂ ମହିଳା ଶରୀର ପାଇଁ ୪୬ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଆପଣ ନିଜ ଶରୀରରେ ପ୍ରୋଟିନ୍ ପରିମାଣ ବଢ଼ାଇବା ପାଇଁ ଦୁଗ୍ଧ ଜାତୀୟ ସମସ୍ତ ଖାଦ୍ୟ ଯେପରିକି ଅଣ୍ଡା, ସିମ୍ବ, ପୋଇ, ମଟର ଛୁଇଁ ଆଦି ଖାଆନ୍ତୁ।

# ପାଚିଲା ତାଳ

## ପ୍ରଦ୍ୟୁମ୍ନ ପଟ୍ଟନାୟକ

ସନାତନଙ୍କ ଘର ବାଡ଼ିରେ ଥାଏ କେତୋଟି ତାଳ ଗଛ । ତାଙ୍କର ଛୋଟ ପୁଅ ଶୁକ ଦେଖେ ତାଙ୍କ ଗଛରେ ତାଳ ଗୁଡ଼ିକ ପାଚି ଯାଇଥାଏ । ସେ ଗୁଡ଼ିକ ଦେଖିବାକୁ କଳା ଲାଲ ରଙ୍ଗ ମିଶା ଗୋଲ ଗୋଲ ଫୁଟବଲ ଭଳି ଦିଶୁ ଥାଏ। ପାଚିଲା ତାଳକୁ ଦେଖି ଶୁକ କହିଲା, ବାପା ତୁମେ ଯେମିତି ଗଛରୁ ପାଚିଲା ଆମ୍ବ, ପଣସ ତୋଳି ଆଣ ସେମିତି ପାଚିଲା ତାଳ ତୋଳି ଆଣୁ ନାହଁ !

ସନାତନ କହିଲେ, ନା ତାଳକୁ ତୋଳି ଆଣିବା ସହଜ ନୁହଁ । ପୁଣି ବର୍ଷା ଦିନ । ଏତେ ଉଚ୍ଚାଗଛ ଚଢ଼ିବ କିଏ ? ତାଳ ପାଚିଗଲେ ଆପେ ଆପେ ତଳକୁ ଖସି ପଡ଼େ । ସେ ଯେବେ ତଳକୁ ଖସେ, ଦୁଲଦାଲ ଶବ୍ଦ କରି ପଡ଼ିଯାଏ । ଦିନ ଅପେକ୍ଷା ରାତିରେ ବର୍ଷା ହେଉଥିବା ବେଳେ ଗଛରୁ ଅଧିକ ତାଳ ଖସିଥାଏ ।



ଦିନରେ ତାଳ ପଡ଼ିବାର ଶବ୍ଦ ଶୁଣି ଶୁକ ଦୌଡ଼ିଯାଇ ତାଳ ଗୋଟେଇ ନେଇ ଆସେ । ରାତି ଅନ୍ଧାରରେ କିନ୍ତୁ ସେ କିମ୍ବା ତା' ବାପା କେହି ଗଛ ମୂଳକୁ ଯାଆନ୍ତି ନାହିଁ । ଜନ୍ତୁ ଜୁନ୍ତା ବାହାରିବାର ଭୟ ଥିବାରୁ ସେମାନେ କେବଳ ସକାଳୁ ଯାଇ ଆଣନ୍ତି । କେବେ କେବେ ତିନି ଚାରିଟି କିମ୍ବା ତାଠୁ ଅଧିକ ତାଳ ଖସିଥାଏ । ପାଚିଲା ତାଳରେ ତା ମା' ଚକୁଳି, ପୋଡ଼ ପିଠା ଆଦି ତିଆରି କରନ୍ତି । ତାଳ ପିଠା ଭାରି ମିଠା ।

ରାତିରେ ଯେତେଥର ଦୁଲ କରି ତାଳ ପଡ଼ିବାର ଶବ୍ଦ ହୁଏ ବାପା ପୁଅ ଗଣୁ ଥାଆନ୍ତି । କେବେ କେବେ କିନ୍ତୁ ସକାଳକୁ ସବୁ ତାଳ ମିଳେ ନାହିଁ । ତେଣୁ ସେମାନେ ଭାବନ୍ତି କେହି ବୋଧେ ଆସି ତାଙ୍କ ତାଳ ଚୋରେଇ କରି ନେଇ ଯାଉଛି। ଦିନେ ତାଳ ପଡ଼ିବାର କିଛି ସମୟ ଭିତରେ ଗୋଟିଏ ଟର୍ଚ୍ଚ ଧରି ସନାତନ ଗଛ ମୂଳକୁ ଯାଇଥିଲେ । ଦେଖିଲେ ଗଛ ମୂଳେ ଆଲୁଅ ଜଳିବା ଭଳି ଦୁଇଟି ଆଖି ଦେଖାଯାଇଛି । ଆଉ ଟିକିଏ ପାଖକୁ ଯାଇ ଟର୍ଚ୍ଚ ଜଳାଇ ଦେଖିବା ବେଳକୁ ଗୋଟେ ଶିଆଳ ପାଚିଲା ତାଳକୁ ଦାନ୍ତରେ କାମୁଡ଼ି ଉଠାଇ ନେଉଥାଏ ।

ସକାଳ ହେବାରୁ ପୁଅ ଶୁକ ପଚାରିଲା, 'ବାପା କାଲି ରାତି ପଡ଼ିଥିବା ତାଳ ତୁମେ ଆଣିଲ ତ ?' ତାକୁ ସନାତନ କହିଲେ, 'ଜାଣିଛୁ ମୁଁ କାଲି ରାତିରେ ଚୋରକୁ ଦେଖିଲି ଯିଏ କେବେ କେବେ ଆମ ତାଳ ନେଇ ଯାଉଛି ।'

ଶୁକ କହିଲା, 'କାହିଁ ବାପା ସେ ଚୋର କେଉଁଠି ଦେଖା ଯାଉନି ତ !' ସନାତନ କହିଲେ, ସେ କେହି ମଣିଷ ନୁହଁ, ସେ ଗୋଟିଏ ଶିଆଳ । କାଲି ରାତିରେ ତାଳ ପଡ଼ିବା ପରେ ମୁଁ ଗଛ ମୂଳକୁ ଯାଇ ଦେଖିଲି ଗୋଟେ ଶିଆଳ ସେ ତାଳ ନେଇ ପଳାଇଲା।'

ଶୁକ ପଚାରିଲା, 'ବାପା ମଣିଷ ଭଳି ଜୀବ ଜନ୍ତୁ କଣ ତାଳ ଫଳ ଖାଆନ୍ତି ?' ତା ବାପା ସନାତନ କହିଲେ, 'ହଁ ମଣିଷଙ୍କ ଭଳି ଗାଇ ଗୋରୁ, ଶିଆଳ, ହାତୀ ଆଦି ଜୀବ ଜନ୍ତୁ ତାଳ ଖାଇବାକୁ ଭଲ ପାଆନ୍ତି ।'


+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


# କୁନା କୁନିର ଯାତରା ଦେଖା

## ମମତା ବରର୍ତ୍ତୀ



ବାପା ବୋଉ ସାଥେ କୁନା କୁନି
ବାହାରିଲେ ଯାତରା ଦେଖି,
କୁନା କୁନିକୁ କହୁଛି କାନେ
ଖେଳନାରେ ଖାଲି ପଡୁଛି ଆଖି ।

କୁନି କହୁଛି କିଣିବି ମୁଁ କଣ୍ଢେଇ
ତା' ସାଥେ ନାଲି ନେଳି ବେଲୁନ,
ବୋଉ କହୁଛନ୍ତି କିଣିବ ରୁହ
ଆଗ ଖାଇଦିଅ ଗୁପୁଚୁପ ଚାଉମିନ ।

ବାପା କହୁଛନ୍ତି ଦେଖ ପିଲାମାନେ
ଆସିଅଛି କେତେ ରକମର ଦୋଳି,
ଡେରି ନ କରି ବେଗି ଯାଅ ଭାରି
ମନ ଇଚ୍ଛା ଦୁହେଁ ଦିଅ ଆଜି ଝୁଲି ।

ବୋଉ ଅମାନ୍ୟ ନକରି ଆଜି
କିଣି ଦେଲେ ଅନେକ ଖେଳନା,
ଏଣିକି ସବୁଦିନ ପଢିବ ପାଠ
ଯମାରୁ ଆଉ ନ କରି ବାହାନା ।

ଆଇସକ୍ରିମକୁ ବାପା ମନା ନ କରି
ଖୁସି ମନେ ଦେଲେ ଆଜି କିଣି,
କୁନା କୁନିକୁ ମେଳା ବୁଲେଇବି
ଦୁହେଁ ଚଳିବ ଯଦି କଥା ମାନି ।


+ ବଲାଙ୍ଗୀର



ବିଜ୍ଞାନ ଗବାକ୍ଷ-୧୪

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଏଆଇର ଭୂତ

ପଚାଶ ବର୍ଷ ତଳର କଥା। ସେତେବେଳେ ମୁଁ ହାଇସ୍କୁଲରେ ପଢୁଥିଲି। ଆମ ସାହିତ୍ୟ ବହିରେ ବିଜ୍ଞାନ ଶିକ୍ଷାର ଆବଶ୍ୟକତାକୁ ନେଇ ଏକ ପ୍ରବନ୍ଧ ଥିଲା। ସେ ପ୍ରବନ୍ଧରେ ବିଜ୍ଞାନକୁ ଏକ ବାଡ଼ି ସହିତ ତୁଳନା କରାଯାଇଥିଲା ଏବଂ ଗୋଟେ ବାଡ଼ି କିପରି ଆମକୁ ଅନେକ କାମରେ ସାହାଯ୍ୟ କରିପାରେ, ସେ ସଂପର୍କରେ ଲେଖା ଯାଇଥିଲା। ସବୁଠାରୁ ଚିତ୍ତାକର୍ଷକ କଥାଟି ଥିଲା ଯେ ଗୋଟେ ବାଡ଼ି ଜଣେ ଅନ୍ଧ ବ୍ୟକ୍ତିଙ୍କୁ ବାଟ ଚାଲିବାରେ ସାହାଯ୍ୟ କରିବା। ସେହିପରି ଜଣେ ରାଗୀ ଲୋକଙ୍କ ହାତରେ ଥିବା ବାଡ଼ିଟି ଅନ୍ୟଜଣଙ୍କ ପ୍ରାଣ ନେଇ ପାରିବ। ଉପସଂହାରରେ ଏତିକି କୁହାଯାଇଥିଲା ଯେ ବାଡ଼ିଟିର ଉପଯୋଗିତା ତାର ବ୍ୟବହାର ଉପରେ ନିର୍ଭର କରେ।



ଏ ବହୁତ ପୁରୁଣ କଥା। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଯେତେବେଳେ କିଛି ବଡ଼ ପରିବର୍ତ୍ତନ ବା ନୂତନ ଚିନ୍ତନ ଆସିଛି ତାହା ପୃଥିବୀରେ ଅନେକ ଆଲୋଡ଼ନ ସୃଷ୍ଟି କରିଛି। ୧୯୮୦ ଦଶକରେ କମ୍ପ୍ୟୁଟରିକରଣ, ନବେ ଦଶକରେ ଇଣ୍ଟରନେଟ, ଏ ଶତାବ୍ଦୀର ଆରମ୍ଭରେ ସ୍ମାର୍ଟଫୋନରେ ବ୍ୟବହାର ଇତ୍ୟାଦି ସାରା ପୃଥିବୀରେ ଅନେକ ବାଦ ବିବାଦ ସୃଷ୍ଟି କରିଥିଲା। ଏବେ ଏବେ କୃତିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବଡ଼ ବଡ଼ କମ୍ପ୍ୟୁଟର କମ୍ପାନୀ, ବିଜ୍ଞାନ ଗବେଷଣା ସଂସ୍ଥା ଏପରିକି ସରକାରୀ ବିଭାଗରେ ବଡ଼ ଆଲୋଡ଼ନ ସୃଷ୍ଟି କରିଛି। ପୃଥିବୀର ଅନେକ ବୈଜ୍ଞାନିକ ଓ ବୁଦ୍ଧିଜୀବୀ ଭୟ ପ୍ରକଟ କରିଛନ୍ତି ଯେ ଏ କୃତ୍ରିମ ବୁଦ୍ଧିମତା ଜ୍ଞାନ ଆମ ଜୀବନକୁ ବହୁଭାବରେ ପ୍ରଭାବିତ କରିବ।

ଏଇଠି ମୁଁ ପୃଥିବୀର ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମତ ସଂପର୍କରେ ଦି ପଦ ଲେଖୁଛି। ପ୍ରଥମ ମତ ପୃଥିବୀର ଜଣେ ପ୍ରସିଦ୍ଧ ଲେଖକ ସଲମନ ରସ୍‌ଦିଙ୍କର। ତାଙ୍କ ମତରେ କୃତ୍ରିମ ବୁଦ୍ଧମତା ବା ଏଆଇର ମୌଳିକତାରେ କିଛି ଭୂମିକା ନାହିଁ। "ଏଆଇ ହେଜ୍ ନୋ ରୋଲ ଫର୍ ଅରଜିନାଲଟି।" ଏପରି ମତ ଆମକୁ ଆଶ୍ୱସ୍ତ କରେ ଯେ ଏଆଇ ମଣିଷର ପ୍ରଭୁ ହୋଇପାରିବନି। ପୃଥିବୀର ଜଣେ ଶିଳ୍ପପତି, ଚିନ୍ତାନାୟକ ଓ ନବ ପ୍ରବର୍ତ୍ତକ ଏଲନ ମସ୍କଙ୍କ ମତରେ ଆଗାମୀ ପାଂଚ ବର୍ଷରେ ଏଆଇ ମିଳିତ ମାନବୀୟ ବୁଦ୍ଧିମତାକୁ ଟିପିଯିବ ଏବଂ ମଣିଷ ଜାତିକୁ ବୁଦ୍ଧିମତାରେ ବାମନ କରିଦେବ। ଏପରି ମତ ବିବାଦୀୟ ନିଶ୍ଚୟ। ମାତ୍ର ପୃଥିପବୀର ଜଣେ ଶ୍ରେଷ୍ଠ ଉଦ୍ଭାବକଙ୍କ ମତକୁ ଆମେ ହାଲ୍‌କା ଭାବେ ନେଇ ପାରିବାନି।

ଗତ ଚାଳିଶି ବର୍ଷରେ ଏ ଲେଖକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅନେକ ବୈପ୍ଳବିକ ନବପ୍ରବର୍ତ୍ତନ ଦେଖିଛି। ପରିବର୍ତ୍ତନ ସଦା ସର୍ବଦା ପ୍ରତିରୋଧର ସାମ୍ନା କରିଥାଏ, ମାତ୍ର କାଳକ୍ରମେ ଯେଉଁ ପରିବର୍ତ୍ତନ ଆମ ଲାଗି ନୂତନତା ଆଣେ, ସ୍ୱଚ୍ଛଳତା ଆଣେ ଏବଂ ଆମ କର୍ମଦକ୍ଷତାକୁ ବୃଦ୍ଧି କରେ ତାକୁ ଆମେ ଗ୍ରହଣ କରୁ। ମୋ ମତରେ ଆଗାମୀ ପାଂଚ ବର୍ଷରେ ଏଆଇ ମଣିଷର, ମୌଳିକତାକୁ ନଟପି, ତାର ଏକ ବଂଧୁ ହୋଇ କାମ କରିବ।

ଜଣେ ପ୍ରଫେସର, ବିଜ୍ଞ ବନ୍ଧୁ ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ମତରେ ଏଆଇ ଆମ କାମକୁ ସହଜ କରିବ, ଆମକୁ ଅଧିକ ସ୍ୱାଧୀନତା ଏବଂ ମୁକ୍ତ ସମୟ ଦେବ ନୂତନ କାମ କରିବାକୁ।

ଗୋଟେ କମ୍ପ୍ୟୁଟର ବା ସଫ୍ଟୱେୟାରକୁ ଆମେ ଯେମିତି ଗଢ଼ିଥାଏ, ସେ ସେପରି କାମ କରେ ଏବଂ ଆବଶ୍ୟକ ଆଉଟପୁଟ୍ ଦିଏ। ଏ.ଆଇ ମଧ୍ୟ ସେଥିରେ ଯୋଗ କରାଯାଇଥିବା ତା ଅଧୀନରେ ଥିବା ତଥ୍ୟମାନଙ୍କୁ ନେଇ ଅନେକ ବିକଳ୍ପ ପ୍ରସ୍ତୁତ କରେ। ସୁତରାଂ ଏଆଇ ତାକୁ ଦିଆଯାଇଥିବା ତଥ୍ୟ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଏବଂ ମଣିଷ ପ୍ରଦତ୍ତ ତଥ୍ୟ ହିଁ ତାର କାର୍ଯ୍ୟ କ୍ଷମତାର ଆଧାର।

ଜଣେ ଯୁବ ଏଆଇ ଇଂଜିନିୟର ଶୁଭକାନ୍ତଙ୍କ ମତରେ ମଣିଷର ଭାବାବେଗକୁ ଏଆଇକୁ ଶିଖାଇବାକୁ ସେ ଅକ୍ଷମ। ସେଇଠି ରହିଛି ତାର ସୀମାବଦ୍ଧତା।


(କ୍ରମଶଃ)


+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮


# ଗୋଟେ ବୃକ୍ଷର ଆତ୍ମକଥା

## ସୁଧାଂଶୁ ଶେଖର ଦ୍ୱିବେଦୀ





ସୁଦୂର କେଉଁ ନିର୍ଜନ ସ୍ଥାନରେ ଏକ ନାମହୀନ ବୃକ୍ଷଟିଏ ଜନ୍ମ ନେଇଥାଏ। ସେଠାକାର ବାସିନ୍ଦା ବୃକ୍ଷଟିକୁ ଚିହ୍ନିପାରୁନଥାନ୍ତି। ଧରିତ୍ରୀର ଗଭୀରତମ ପ୍ରଦେଶରୁ ଜୀବନ ନେଇ ଜନ୍ମିଥିଲା। ଗାଢ଼ ସବୁଜ ରଙ୍ଗର ଜୀବନ। କୋମଳ କୋମଳ ଦୁଇ ଚାରୋଟି ପତ୍ର ମନ୍ଦ ମନ୍ଦ ପବନରେ ଦୋହଲି ଦୋହଲି ହସୁଥିଲେ। ତା' ଭିତରେ ଜିଇଁବାର ଇଚ୍ଛା ଭରି ରହିଥିଲା।ସେ ତା' ଚାରିପାଖ ସୃଷ୍ଟିକୁ କୌତୁହଳ ହୋଇ ଦେଖେ, ଚିହ୍ନିବାକୁ ପ୍ରୟାସ କରେ ଏବଂ ସ୍ୱୀକାର କରିନିଏ। ତାକୁ ଏ ଦୁନିଆ ବହୁତ ଭଲ ଲାଗୁଥାଏ ଏବଂ ଜୀବନ ଜିଇଁବାକୁ ପ୍ରେରିତ କରୁଥାଏ।

ଅବୋଧ ଶିଶୁ ଭଳି ନିଜ ଆଖ ପାଖର ପରିବେଶକୁ ଜାଣିବା ଓ ବୁଝିବାରେ ନିଜକୁ ନିୟୋଜିତ କରିଦିଏ। ବିତି ଚାଲିଥିବା ଦିନ ସହିତ କିଛି ନୂଆ ଶିଖିବା ଜାଣିବାର ଜିଜ୍ଞାସା ତା' ଭିତରେ ଉଦ୍ରେକ ହୁଏ। ସ୍ଥାବର ହେବା ପରିପ୍ରେକ୍ଷୀରେ ତା' ନିକଟରେ ଅନେକ ଗୁଡିଏ ବିଶେଷତା ଥାଏ। ହେଲେ ସେ ନିଜ ଅସ୍ତିତ୍ୱର ସୀମା ଭିତରେ ଜୀବିକା ନିର୍ବାହ କରୁଥାଏ। ଚାରିପାଖର ସମ୍ବେଦନାକୁ ନିଜର ପ୍ରାଣ ଶକ୍ତି ସାହାଯ୍ୟରେ ଗ୍ରହଣ କରେ। କ୍ରମଶଃ ତା' ଶରୀର ଘନ ବହୁଳ ସବୁଜିମାରେ ଭରି ଯାଉଥାଏ। ଯେବେ ସେ ଖୁସିରେ ରହେ ମନଭରି ହସେ। ପୁଣି ଯେବେ ଦୁଃଖୀ ହୋଇଯାଏ ଗୁମୁରି ଗୁମୁରି କାନ୍ଦେ। ଧୀରେ ଧୀରେ ସେ ବଢୁଥାଏ ଏବଂ ତାକୁ ଏକ ମହା ଦ୍ରୁମରେ ପରିଣତ ହେବାର ଆକାଂକ୍ଷା ଥାଏ।

କାଳକ୍ରମେ ସେ ବଢି ଚାଲିଲା। ବଢିବାର ପ୍ରକ୍ରିୟା ମଧ୍ୟରେ ନିଜ ଚାରିପାଖରେ ଥିବା ବାତାବରଣ, ସାଥୀ-ସହୋଦର ତଥା ସମାଜର ଜ୍ଞାନକୁ ମଧ ଜାଣି ପାରୁଥାଏ। ବେଳେ ବେଳେ ସେ ଭାବିହୁଏ ଏ ଦୁନିଆଟା କଣ ? ନିଜ ଚତୁର୍ଦ୍ଦିଗରେ ଅସ୍ତିତ୍ୱ ଜମେଇଥିବା ବୃକ୍ଷ-ଲତା ଜୀବ-ଜନ୍ତୁଙ୍କୁ ଚିହ୍ନିବାକୁ ଲାଗିଲା। ଋତୁ ଆସିବାର ପୂର୍ବାଭାସ ବିଷୟ ରେ ଅବଗତ ହେଲା। କେବେ କେଉଁ ଋତୁରେ ତା' ଚାରିପଟ ପରିବେଶ କି ରୂପ ନେବ ତାହାବି ଜାଣିପାରିଲା।

ଯେବେ ସେ ଏକ ଛୋଟ ଚାରା ଗଛ ରୂପେ ମାଟିକୁ ଜାବୁଡି ଧରି ଠିଆ ହୋଇଥିଲା କେତେ କେତେ କୁନି ଚଢ଼େଇ ତା' ଡାଳରେ ବସି ପ୍ରସନ୍ନ ଚିତ୍ତରେ ଦୋଳି ଖେଳୁଥିଲେ। ଚିଂ ଚିଂ ଶବ୍ଦରେ ଆଖପାଖ ପରିବେଶକୁ ଗୁଞ୍ଜରିତ କରି ଦେଉଥିଲେ। କେତେ ରଙ୍ଗର ପ୍ରଜାପତି ଆସନ୍ତି ତା' ପତ୍ରକୁ ସ୍ୱର୍ଶ କରି ପୁଣି ଉଡିଯାଆନ୍ତି। କେତେକ ଚଢ଼େଇ ରାତିହେଲେ ତା' ଡାଳରେ ବିଶ୍ରାମ ନିଅନ୍ତି। ଜାତି ଜାତି କୀଟ-ପତଙ୍ଗ ତା' ଡାଳ ପତ୍ରରେ ଚାଲନ୍ତି। କିଶୋରାବସ୍ଥାରେ ଏସବୁ ଗତିବିଧି ଆହୁରି ବଢ଼ିଗଲା। ସେସବୁ ତାକୁ ବହୁତ ଆନନ୍ଦ ଦେଉଥାଏ। ଜୀବନର ପ୍ରତିଟି ଅନୁଭବ ତାପାଇଁ ନୂଆ ରୂପ ନେଉଥାଏ।ତାକୁ ଦୁନିଆର ସବୁକିଛି ନୂଆ ନୂଆ ଲାଗୁଥାଏ। ଏହିପରି ଅନୁଭବ ଭିତରେ କେତେକ ପ୍ରିୟ ହୋଇଯାଆନ୍ତି, କେତେକ ସାମାନ୍ୟ ହୋଇଯାଆନ୍ତି, କେତେକ ଅପ୍ରିୟ ହୋଇଯାଆନ୍ତି ଏବଂ ଆଉ କେତେକ ପୀଡା ଦାୟକ ହୋଇଯାଆନ୍ତି। ପକ୍ଷୀ, ପ୍ରାଣୀମାନେ ତା' ପାଖକୁ ଆସିବା ତା' ସହିତ ମିଶିବା ତାକୁ ବହୁତ ଖୁସି ଦେଉଥାଏ। ସୁଲୁ ସୁଲୁ ପବନ ଓ ଧୀମା ଧୀମା ଖରା ବି ତାକୁ ବହୁତ ଭଲ ଲାଗେ। ପ୍ରଚଣ୍ଡ ସୂର୍ଯ୍ୟ ତାପରେ କଷ୍ଟ ତ ହୁଏ ତଥାପି ସେ ସେହି ପ୍ରଚଣ୍ଡତା ସହିତ ମାଟିରୁ ଶୀତଳତା ସଂଗ୍ରହ କରି ସଂଘର୍ଷ କରେ। ଝଡ଼-ବତାସ ତାକୁ ଅସହ୍ୟ ପୀଡା ଦିଏ। ଯେମିତି ତାକୁ ସମୂଳେ ଉପାଡି ନଷ୍ଟ କରି ଦେବାକୁ ଆସିଥାଏ। ତା' ଡାଳ-ପତ୍ରକୁ ଚାପୁଡ଼ା ମାରେ, ଜୋର ଜୋର ହଲାଏ, ତଳକୁ ଝୁକେଇଦିଏ। ସେ ବିବଶ, ଭୟଭୀତ, ଆତୁର ହୋଇପଡେ। ବର୍ଷା ତ ଝଡ଼-ବତାସର ସାଥୀ। କିନ୍ତୁ ବର୍ଷା ତାକୁ ପିଲାଟି ଦିନରୁ ଜୀବନ ଦେଇ ଆସିଛି। ହେଲେ କେବେ କେମିତି ସେ ବି ତା'ର ଶତ୍ରୁ ହୋଇ ଝଡ଼-ବତାସର ସାଥୀ ହୋଇଯାଏ।

ତା'ର ଦିନ ସବୁ ଭାରି ମଜାରେ ବିତୁଥାଏ। ଚାରିପଟେ ଆହୁରି କେତେ କେତେ ଜାତିର ବୃକ୍ଷ ଥାଆନ୍ତି। ମୂଳ ନିକଟରେ ସବୁଜ ଦୂବ-ଘାସର ଗାଲିଚା ମେଲିଥାଏ। ଗାଈଆଳ ପିଲାମାନେ ଗୋରୁ ଚରେଇ ବାକୁ ଆସନ୍ତି। କେହି କେହି ଗୋରୁ ତା' ପତ୍ରକୁ ଖାଇଯାଉଥିବାରୁ ତାକୁ ବଡ କଷ୍ଟ ହୁଏ। ପାଟି ଫିଟୁନାହିଁ ବୋଲି କିଛି କହିପାରେ ନାହିଁ।

ଚୁପଚାପ୍ ସବୁ ସହିଯାଏ। ପ୍ରକୃତିର ନିର୍ଧାର୍ଯ୍ୟ ବିଧି ବିଧାନକୁ ସେ କାହୁଁ ବଦଳି ପାରିବ ? ଗାଈଆଳ ପିଲାମାନେ କେବେ କେବେ ତା' ଉପରେ ଚଢ଼ି ପତ୍ର ଛିଣ୍ଡେଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତି। ସେମାନଙ୍କର ଭାରସାମ୍ୟକୁ ସହିବାର କ୍ଷମତା ତା' ପାଖେ ଅଛି କିନ୍ତୁ ମନୁଷ୍ୟର ନୃଶଂଶତା ନିକଟରେ ସବୁକିଛି ହାର ମାନିବାକୁ ପଡେ ତାକୁ। ମନୁଷ୍ୟଙ୍କ ପ୍ରତି ତା' ମନରେ ଭୟ ଜାତ ହୁଏ। କେବେ ତାକୁ କାଟି ନେଇଯିବେ ସେଇ ଆଶଙ୍କାରେ ଚିନ୍ତାଶୀଳ ହୋଇପଡେ। ମନେ ମନେ ଭାବେ ଏମାନଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ନିମନ୍ତେ ଅନ୍ୟ କୋଉଠିକୁ ଦୌଡ଼ି ପଳାଇ ଯାଆନ୍ତା ! ହେଲେ ଦୌଡ଼ି ପଳାଇବାକୁ ଅକ୍ଷମ। ନିଜ ଦୁଃଖ ଯନ୍ତ୍ରଣାର କଥା କହିପାରନ୍ତା ! ଚିତ୍କାର କରି ଅନ୍ୟଙ୍କୁ ସହାୟତା ପାଇଁ ଡାକି ପାରନ୍ତା ! କିନ୍ତୁ ପାଟି ଫିଟୁ ନଥିବାରୁ ନାଚାର।

ଦିନେ ଦୁଇଜଣ ଗାଈଆଳ ପିଲା ଆସି ତା' ଛାଇରେ ବିସି ବାର୍ତ୍ତାଳାପ କଲେ। ଜଣେ କହିଲା-ତୁ ଜାଣିଛୁ ! ଆମ ସହରରେ ବୃକ୍ଷ ରୋପଣ ହେଉଛି। ସେପାଇଁ ବଡ଼ ବଡ଼ ବୃକ୍ଷକୁ ଉପାଡି ନେଇ ଯାଉଛନ୍ତି।

ଅନ୍ୟ ଜଣକ ଆଶ୍ଚର୍ଯ୍ୟରେ ପଚାରିଲା-କିନ୍ତୁ ଏତେ ବଡ଼ ବଡ଼ ବୃକ୍ଷକୁ ଉପାଡିବେ କେମିତି ?

ଆରେ ବୁଦ୍ଧୁ ! ଆଧୁନିକ ଯୁଗରେ ସବୁକିଛି ସମ୍ଭବ। ବଡ଼ ବଡ଼ ମେସିନ୍ ଆସି ବୃକ୍ଷ ଉପାଡି ନେଉଛି।

ଆଚ୍ଛା, ଏଠି ଏମିତି ବି ହେଉଛି !

ହଁ, ମହା ମହା ଦ୍ରୁମକୁ ବି ଉପାଡି ନେଇ ସହର ରାସ୍ତା ପାର୍ଶ୍ୱରେ ରୋପଣ କରା ହେଉଛି। ତୁ ଦେଖିବୁ ରହ ଆଉ କିଛିଦିନ ପରେ ସହର ସବୁ ସବୁଜ ବନାନୀର ରୂପ ନେବ।

ନାମହୀନ ବୃକ୍ଷଟି ଏହା ଶୁଣି ଦୁଃଖରେ ଭାଙ୍ଗିପଡ଼ିଲା। ତା' ପତ୍ର ସବୁ ହଲି ହଲି କାନ୍ଦିବାକୁ ଲାଗିଲେ। ଭୟରେ ଆତୁର ହୋଇ ଭାବିହେଲା କେଜାଣି ଏ ମନୁଷ୍ୟମାନେ ତାକୁ କୋଉଦିନ ଉପାଡି ନେଇଯିବେ !

ନିଜର ଅସ୍ତିତ୍ୱ ପ୍ରତି ଅଭିଶାପ ବୋଲି ମନେ କରୁଥାଏ ସେ। ତା' ପାଖରେ ଗୋଡ଼ ନାହିଁ, ନହେଲେ ଦୌଡ଼ି ଯାଇ ଅନ୍ୟ କୋଉଠି ଲୁଚି ପଡ଼ନ୍ତା !

ଆକସ୍ମିକ ଭାବେ ଦିନେ କିଛି ଲୋକ ତା' ନିକଟକୁ ଆସିଲେ। ଗଣି ଗଣି ବୃକ୍ଷ ନିର୍ବାଚନ କଲେ। ସେମାନଙ୍କ ଭିତରୁ ମୁଖିଆ ଭଳି ଦେଖା ଯାଉଥିବା ଲୋକଟି ଉତ୍ସାହିତ ହୋଇ କହିଲା-ଆରେ ଦେଖିବ ଆସ !

ଏଇଟା କୋଉ ପ୍ରଜାତିର ବୃକ୍ଷ। ଏହାର ନାମ କଣ ହୋଇପାରେ ?

ଯାହାବି ହେଉ ବୃକ୍ଷଟି ଖୁବ୍ ସୁନ୍ଦର ହୋଇଛି। ଏଭଳି ବୃକ୍ଷ ତ ମୁଁ କେବେ ଦେଖି ନଥିଲି। ପତ୍ରଗୁଡ଼ିକ କେଡେ ସୁନ୍ଦର କରତ ଦାଢ଼ ଭଳି କଟା କଟା ହୋଇଛି। ଗାଢ଼ ସବୁଜିମାରେ ଭରପୁର ସତରେ ପ୍ରକୃତିର ବିସ୍ମୟ ଏ ବୃକ୍ଷ। ହେଲେ ଏଠି ତାକୁ କିଏ ଦେଖୁଛି ?ବଣ ଜଙ୍ଗଲରେ ରହି ଅଦରକାରୀ ରୂପେ ଠିଆହୋଇଛି। ଏଭଳି ବୃକ୍ଷ ସହରର ଛକ ସ୍ଥାନରେ ରୋପଣ କଲେ ସବୁଜିମାର ମନୋରମ ଦୃଶ୍ୟରେ ସଭିଙ୍କୁ ଆମୋଦିତ କରିବ। ଯଥାଶୀଘ୍ର ତାକୁ ଉପାଡି ନେଇଚାଲ।

ନିଜ ଅସ୍ତିତ୍ୱର ଉତ୍ପାଟନ କଥା ଶୁଣି ବୃକ୍ଷଟି ଅବିରତ କାନ୍ଦିବାକୁ ଲାଗିଲା। ତା' ପତ୍ରସବୁ ଦୋହଲି ଦୋହଲି ଛଟ ପଟ ହେବାକୁ ଲାଗିଲେ। ସମ୍ଭବତଃ କିଛିଦିନ ପରେ ଏକ ବଡ଼ ଟ୍ରକରେ ଲଦା ହୋଇ ସହରର ଛକ ସ୍ଥାନକୁ ବୁହାଗଲା ତାକୁ। ଗୋଡ଼ ନଥାଇ ବି ସେଦିନ ସେ ତୀବ୍ର ବେଗରେ ଦୌଡୁଥାଏ। ଟ୍ରକ୍‌ର ଗତି ସହିତ ସାରା ପୃଥିବୀ ତା' ଚାରିପଟେ ଘୁରୁଥିବା ପରି ଅନୁଭବ କରୁଥାଏ। ମହାନଗରର ଏକ ଛକ ସ୍ଥାନରେ ତାକୁ ରୋପଣ କରାଗଲା। ଆଉ ଏକ ଧରିତ୍ରୀର ବାସିନ୍ଦା ହେଲା। ବିନା ବର୍ଷାରେ ତାକୁ ପର୍ଯ୍ୟାପ୍ତ ପାଣି ମିଳିଲା। ସେ ଠିଆ ହୋଇ ରହିଲା ମହାନଗରର ଛକ ସ୍ଥାନରେ ମନୁଷ୍ୟଙ୍କ କ୍ରୀତଦାସ ହୋଇ। ସଡକ ଓ ଛକ ସ୍ଥାନକୁ ଶୀତଳତା ପ୍ରଦାନ କରିବା ପାଇଁ। ମହାନଗରର ସବୁଜ ସ୍ୱପ୍ନକୁ ସାକାର କରିବା ପାଇଁ। ଜୀବନରେ ଏଭଳି ଏକ ଦିନ ଆସିବ ବୋଲି ସେ କେବେ କଳ୍ପନା କରି ନଥିଲା। ନିଜ ଦୁନିଆରେ ଯେଉଁଠି କିଛି ଆବଶ୍ୟକତା ନଥିଲା, ସବୁକିଛି ଥିଲା ତା' ଚତୁର୍ଦ୍ଦିଗରେ, ଅଦ୍ଭୁତ ପ୍ରକୃତି ଏବଂ ପ୍ରକୃତିର ଆନ୍ଦୋଳାୟିତ ସ୍ନେହ ଆଦର। ସେଠାରୁ ସେ ଉଠି ଆସିଲା ମହା ନଗରକୁ। ପକ୍ଷୀ ଓ ଜଙ୍ଗଲର ପ୍ରାଣୀଙ୍କ ଶୂନ୍ୟ ପରିବେଶକୁ। କେବଳ ଲୁହା, କଂକ୍ରିଟ ଓ ପଥରର ନଗରୀ। ଯେଉଁଠାରେ ପ୍ରତିଦିନ ହଜାର ହଜାର ଗାଡି ଦୌଡୁଥାଏ ସମୁଦ୍ର ଲହଡିର ଗର୍ଜନ କରି। ପୁଣି ମାଳ ମାଳ ମନୁଷ୍ୟଙ୍କର ସମାବେଶରେ ରାସ୍ତା, ଛକ ସ୍ଥାନ କୋଳାହଳମୟ ହୋଇଯାଏ। ସମସ୍ତେ ନିଜ ନିଜ ଲକ୍ଷ୍ୟରେ ଧାଇଁଥା'ନ୍ତି। ସେ ଭାବିପାରୁ ନଥାଏ କୋଉଠିକୁ ଚାଲି ଆସିଲା ! କୋଉ ଦୁନିଆରେ ପହଞ୍ଚିଗଲା !!


+ ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨


# ଆମ ଜେଜେ ବାପା

## କୀର୍ତ୍ତନ ସାହୁ



ବଙ୍କୁଲି ବାଡ଼ିଟି ଧରି କୁନା କହେ
ଜେଜେ ବାପା ପରି ଚାଲିବି
ବିପଦ ଆପଦ ଯାହା ବି ଆସିବ
ଏଇ ବାଡ଼ିଟିରେ ଟାଳିବି।

ଆମ ଜେଜେ ବାପା ଭାରି ଭଲ ଲୋକ
ହସି ହସି କଥା କହନ୍ତି
କଥାବାର୍ତ୍ତା ଯଦି ଭଲ ନ ଲାଗିଲା
ସେଇ ଜାଗାଟିରୁ ଖସନ୍ତି।

ଛୁଆଙ୍କୁ ତାଙ୍କର ଭାରି ଯେ ଆଦର
ଗେହ୍ଲା କରି ପାଖେ ବସାନ୍ତି
କେତେ କେତେ ମଜା ଗପ କହି କହି
କେଡେ ବାଗରେ ସେ ହସାନ୍ତି।

ଅନ୍ୟାୟ ଅନୀତି କରନ୍ତି ନାହିଁ ସେ
ସିଧା ସିଧା କଥା କହନ୍ତି
ଆମରି କାମରେ ଭୁଲ ଯାହା ହେଲେ
ସଙ୍ଗେ ସଙ୍ଗେ ସିଏ ଧରନ୍ତି ।

କେମିତି କରିଲେ ସହଜ ହୋଇବ
ଉପାୟ ବତାଇ ଦିଅନ୍ତି
କରି ନ ପାରିଲେ ନିଜେ କରି ଦେଇ
ପାଖକୁ କୋଳେଇ ନିଅନ୍ତି ।

ଜେଜେ ବାପା ସିନା ବାଡ଼ି ଧରୁଛନ୍ତି
ନିଜ କାମ ନିଜେ କରନ୍ତି
ଆଉ ବେଳେ ବେଳେ ଘର କାମ କରି
ଚଳ ଚଞ୍ଚଳ ସେ ରହନ୍ତି ।


ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଶାନ୍ତିଲତା ମହାପାତ୍ରଙ୍କ ବିୟୋଗରେ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା



ଭଦ୍ରକ ,୨୧/୦୮ (ନି.ପ୍ର): ଲୋକପ୍ରିୟ ଶିକ୍ଷୟିତ୍ରୀ ଓ ସମାଜସେବିକା ଶାନ୍ତିଲତା ମହାପାତ୍ରଙ୍କ ବିୟୋଗରେ ଭଦ୍ରକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ବରିଷ୍ଠ ନାଗରିକ ମଞ୍ଚର ମିଳିତ ଆନୁକୂଲ୍ୟରେ ଏକ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭା ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶ୍ରଦ୍ଧାଂଜଳି ସଭାରେ କର୍ମଚାରୀ ସଂଘର ଉପସଭାପତି ତଥା ବରିଷ୍ଠ ସାହିତ୍ୟିକ ହରମୋହନ କୁଅଁର ଅଧ୍ୟକ୍ଷତା କରିଥିଲେ । ସଭାପତିଙ୍କ ଅନୁରୋଧ କ୍ରମେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ଅନ୍ୟତମ ବରିଷ୍ଠ ସଦସ୍ୟ ତଥା ପ୍ରେମପୃଥିବୀ ପତ୍ରିକାର ସଂପାଦକ ଶ୍ରୀ କୈଳାସ ଚନ୍ଦ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ଉପସ୍ଥିତ ସଦସ୍ୟଗଣ ଶାନ୍ତି ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ଉକ୍ତ ପଥପ୍ରାନ୍ତ ଶ୍ରଦ୍ଧାଂଜଳି ସଭାରେ କରୁଣାକର ଉପାଧ୍ୟାୟ, ଅଜିତ୍ କୁମାର ନାୟକ, ଅକ୍ଷୟ କୁମାର ହୋତା, ଶାନ୍ତିଲତା ବରିକ୍, ବିନୟ କୁମାର ପଣ୍ଡା, ଯୁଧିଷ୍ଠିର ବାରିକ୍, ମଦନ ମୋହନ ନାୟକ, ମୁକ୍ତିକାନ୍ତ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, ଶ୍ରୀଧର ଦାସ, ଆଦିତ୍ୟ କୁମାର ଗୋସ୍ୱାମୀ, ଜିତେନ୍ଦ୍ର ନାରାୟଣ ମହାପାତ୍ର, ଅଜିତ୍ କୁମାର ଦାସ, ଯତୀନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ମହାରଣା, ପ୍ରଦୀପ୍ତ କୁମାର ଦାସ, ଦିଲୀପ କୁମାର ନାୟକ, ବାଦଲ କିଶୋର ମହାପାତ୍ର, ଅରବିନ୍ଦ ବସନ୍ତରାୟ, ଅରୁଣ କୁମାର ମିତ୍ର, ଗୋଲକ ବିହାରୀ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମନ୍‌ସୁର ଅଲ୍ଲୀ, ବୀରନାରାୟଣ ଦାସ, ପ୍ରଜ୍ଞା ପଟ୍ଟନାୟକ, ଅଟଳ କୁମାର ବେହେରା, ପର୍ଶୁରାମ ସାହୁ, ଅକ୍ଷୟ କୁମାର ନାୟକ, ଗୋପାଳ ଚରଣ ସେଠୀ, ସୁରେଶ କୁମାର ସାହୁ, କମଳାକାନ୍ତ ସ୍ୱାଇଁ, ପ୍ରଶାନ୍ତ କୁମାର ଦେ, ତାରକଦାସ ଆଢ୍ୟ ଓ ଭାସ୍କର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ ।

# ନୋ ଏଣ୍ଟ୍ରିକୁ ନେଇ ତେଜିଲା ବିବାଦ : ବିଧାୟକଙ୍କ ଚିଠିକୁ ଗ୍ରାମବାସୀଙ୍କ ପ୍ରଶ୍ନବାଣ

ଝାରସୁଗୁଡ଼ା,୨୧/୦୮ (ନି.ପ୍ର): ଜମେରା-ମରାକୁଟା ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ପାଇଁ ନୋ ଏଣ୍ଟ୍ରି ଲାଗୁ କରିବାକୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାପାଳଙ୍କୁ ଲେଖିଥିବା ଚିଠିକୁ ନେଇ ବିବାଦ ତୀବ୍ର ହୋଇଛି । ଜମେରା, ମରାକୁଟା ଓ ବଡ଼ମାଲ ଅଞ୍ଚଳର ଜନପ୍ରତିନିଧି ଓ ଗ୍ରାମବାସୀ ଗୁରୁବାର ଏକ ପ୍ରେସମିଟ୍ ରେ ବିଧାୟକଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ଓଡ଼ିଶା ମେଟାଲିକ୍ସ କମ୍ପାନୀ ସମ୍ମୁଖରେ ସ୍ଥାନୀୟ ଲୋକଙ୍କ ରୋଜଗାର, ପାନୀୟ ଜଳ, ବିଜୁଳି ଓ ରାସ୍ତା ଭଳି ମୌଳିକ ସମସ୍ୟାକୁ ନେଇ ଆନ୍ଦୋଳନ ଚାଲିଥିଲେ ମଧ୍ୟ ବିଧାୟକ ନୀରବ ଥିଲେ। ଏବେ ହଠାତ୍ ଜମେରା-ମରାକୁଟା ରାସ୍ତାରେ ନୋ ଏଣ୍ଟ୍ରି ପାଇଁ ତତ୍ପରତା ଦେଖାଇବା ପଛର କାରଣ କ'ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏନ୍‌ଏଚ୍-୪୯ ଦେଇ ସୁନ୍ଦରଗଡ଼, ସମ୍ବଲପୁର ଓ ବ୍ରଜରାଜନଗର ପଟୁ ହେଉଥିବା କୋଇଲା ପରିବହନ ଏବଂ ନିୟମିତ ଦୁର୍ଘଟଣା ପ୍ରସଙ୍ଗରେ ବିଧାୟକ କାହିଁକି ନୀରବ ରହିଛନ୍ତି ବୋଲି ସରପଞ୍ଚ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ୬ଟା ପରେ ଭାରୀଯାନ ଚଳାଚଳ ବଢ଼ିଲେ ରାସ୍ତାରେ ଅତ୍ୟଧିକ ଭିଡ଼ ସୃଷ୍ଟି ହୋଇ ଦୁର୍ଘଟଣାର ଆଶଙ୍କା ବଢୁଥିବା ମଧ୍ୟ ସେମାନେ କହିଛନ୍ତି। ଗ୍ରାମବାସୀ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ବିକାଶର ବିରୋଧୀ ନୁହନ୍ତି। ତେବେ ରାସ୍ତା ନିର୍ମାଣ ସହ ଗ୍ରାମବାସୀଙ୍କ ମୌଳିକ ସୁବିଧା ସୁନିଶ୍ଚିତ କରାଯିବା ପ୍ରଥମ ଆବଶ୍ୟକତା ବୋଲି ସେମାନେ କହିଛନ୍ତି। ରୁଙ୍ଗଟା କମ୍ପାନୀ ରାସ୍ତା ନିର୍ମାଣ ସହ ସ୍ଥାନୀୟ ଲୋକଙ୍କ ମୌଳିକ ସୁବିଧା ଯୋଗାଇବାକୁ ଚାହୁଁଥିବା ବେଳେ ଏହାକୁ ନେଇ ବିଧାୟକଙ୍କ ବିରୋଧର କାରଣ କ'ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏପଟେ ଜିଲ୍ଲାପାଳଙ୍କ ପକ୍ଷରୁ ଏହି ରାସ୍ତାରେ ପୂର୍ତ୍ତ ବିଭାଗ ମାଧ୍ୟମରେ କାମ ଆରମ୍ଭ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ତେଣୁ କୌଣସି ରାଜନୈତିକ ଚାପରେ ନ ପଡ଼ି ଲୋକଙ୍କ ବାସ୍ତବ ଆବଶ୍ୟକତା ଓ ସୁରକ୍ଷାକୁ ଆଧାର କରି ପ୍ରଶାସନ ନିଷ୍ପତ୍ତି ନେବାକୁ ସେମାନେ ଦାବି କରିଛନ୍ତି। ପ୍ରେସମିଟ୍ ରେ ଗ୍ରାମବାସୀ ବିରଞ୍ଚି ମେହେର ଗତ ଆନ୍ଦୋଳନ ସମୟରେ ଗଣମାଧ୍ୟମରେ ସ୍ୱର ଉଠାଇବା ପରେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ କରିଥିଲେ। ଏହି ଘଟଣା ପଛରେ ବିଧାୟକଙ୍କ ଲୋକଙ୍କ ହାତ ଥିବା ସେ ଅଭିଯୋଗ କରିବା ସହ ଭବିଷ୍ୟତରେ ତାଙ୍କ କିମ୍ବା କୌଣସି ଗ୍ରାମବାସୀଙ୍କର ଅନିଷ୍ଟ ହେଲେ ବିଧାୟକଙ୍କୁ ଦାୟୀ କରାଯିବ ବୋଲି କହିଥିଲେ। ଏହା ଅଭିଯୋଗ ଭାବେ ଉଠାଯାଇଥିବା ବେଳେ ଏ ସମ୍ପର୍କରେ ବିଧାୟକଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଏଠାରେ ଦିଆଯାଇନାହିଁ। ଏହି ପ୍ରେସମିଟ୍ ରେ ମରାକୁଟା ସରପଞ୍ଚ ଲିଲି ତନ୍ତୀ, ବିରଞ୍ଚି ମେହେର, ସମିତି ସଭ୍ୟା ସୁଜାତା ମେହେର, ନିର୍ମଳ ସାହୁ, ନାଏବ ସରପଞ୍ଚ ଆଶିଷ ଗାର୍ଡ଼ିଆ, ନୃପ ମେହେର, ଇନ୍ଦୁମତୀ ମେହେର, ନନ୍ଦୁ ସାହୁ, ଭୁବନ ସାହୁ ଓ ବିଭୀଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଚାନ୍ଦବାଲିରେ ଗର୍ଭବତୀ ମହିଳାଙ୍କୁ ଓଡ୍ରାଫ ଟିମ୍‌ର ସଫଳ ଉଦ୍ଧାର

ଭଦ୍ରକ,୨୧/୦୮ (ନି.ପ୍ର): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ନନ୍ଦପୁର ଗ୍ରାମ ପଞ୍ଚାୟତର କୋଇଲେଖା ଗ୍ରାମର ଗର୍ଭବତୀ ମହିଳା ତୃପ୍ତିମୟୀ ନାୟକଙ୍କୁ ଡଓଜଇର ଟିମ୍ ସଫଳତାର ସହ ଉଦ୍ଧାର କରିଛି ।ବନ୍ୟା ପରିସ୍ଥିତି ମଧ୍ୟରେ ତୃପ୍ତିମୟୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କୁ ଆବଶ୍ୟକ ଚିକିତ୍ସା ସେବା ପ୍ରଦାନ କରାଯାଉଛି ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। "କେହି ଯେପରି ବିପଦ ସମୟରେ ସହାୟତାରୁ ବଞ୍ଚିତ ନ ହୁଅନ୍ତି ଏହି ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଭାବିତ ଅଞ୍ଚଳ ଉପରେ ନଜର ରଖାଯାଇଛି। ବନ୍ୟା ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଣ ପାଇଁ ଜିଲ୍ଲା ପ୍ରଶାସନ, ଡଓଜଇର ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳଙ୍କ ପକ୍ଷରୁ ନିରନ୍ତର କାର୍ଯ୍ୟ ଜାରି ରହିଛି।

## ବନ୍ୟା ବିପନ୍ନଙ୍କ ନିକଟରେ ପଂହଚିଲା ପ୍ରମୋଦ ପତି ଫାଉଣ୍ଡେସନ

ଧର୍ମଶାଳା,୨୧/୦୮ (ନି.ପ୍ର): ବ୍ରାହ୍ମଣୀ ନଦୀରେ ଘାଇ ସୃଷ୍ଟି ହେବା ଫଳରେ ଯାଜପୁର ଜିଲା ରସୁଲପୁର ଓ ଯାଜପୁର ବ୍ଲକର ବହୁ ପଂଚାୟତର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ବିଶେଷ କରି ୫ ଦିନ ହେବ ବନ୍ୟ ଜଳ ଜମି ରହିବା ଫଳରେ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରମୋଦ ପତି ଫାଉଁଣ୍ଡେସନ' ବନ୍ୟା ବିପନ୍ନଙ୍କ ନିକଟରେ ପଂହଚି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇଛି ।

# ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୨୧/୦୮ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା) ଓ ଭାରତୀୟ ଷ୍ଟେଟବ୍ୟାଙ୍କ, ବାଲେଶ୍ୱର ମୁଖ୍ୟ ଶାଖା ମିଳିତ ସହଯୋଗରେ ସ୍ଥାନୀୟ ସତ୍ୟସାଇ ବିଦ୍ୟାବିହାର, ବାଲେଶ୍ୱରରେ ନିଶା ବିରୋଧି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅତିଥିରୂପେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମୁଖ୍ୟ ଚିକିତ୍ସାଧିକାରିଣୀ ଡ. ମିନାକ୍ଷୀ ରାୟ ମହୋଦୟା ପିଲାମାନଙ୍କୁ ନିଶାର ଶାରୀରିକ କୁପ୍ରଭାବ ଓ ବିଭିନ୍ନ ରୋଗ ବିଷୟରେ ଆଲୋଚନା କରିଥିଲେ। 'ମନା'ର ଉପଦେଷ୍ଟା ବିଶିଷ୍ଟ ରୋଟାରିୟାନ୍ ସୁବ୍ରତ କର 'ମନା'ର ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ପିଲାମାନଙ୍କୁ ନିଶାଠାରୁ ଦୂରେଇ ରହିବାପାଇଁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ତଥା ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ପିଲାମାନଙ୍କୁ ନିଶାର କୁପ୍ରଭାବ କିପରି ପାରିବାରିକ ଜୀବନରୁ ଆରମ୍ଭ କରି ସମାଜକୁ କବଳିତ କରୁଛି, ସେ ବିଷୟରେ ଆଲୋଚନା କରିଥିଲେ। ସତ୍ୟସାଇ ବିଦ୍ୟାବିହାରର ସଭାପତି ରାଜେନ୍ଦ୍ରନାଥ ଖମାରି ଆଜିର ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ତ୍ରିଦିବ ନାୟକ, କଲ୍ୟାଣୀ ନନ୍ଦ ନିଜନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମୀନା କୁମାରୀ ସାମଲ ମଞ୍ଚ ଆହ୍ୱାନ କରିଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଦାମୋଦର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ସାଇ ସିଦ୍ଧାର୍ଥ ରାଉତ ଏବଂ ଛାତ୍ରୀ ଏସ୍.କେ. ଆରୋହୀ ପାତ୍ର ଆଜିର କାର୍ଯ୍ୟକ୍ରମରେ ନିଜନିଜର ଉପଲବ୍ଧି ପ୍ରକାଶ କରିଥିଲେ। 'ମନା' ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ଗୌରାଙ୍ଗ ପାଣିଗ୍ରାହୀ, ଡ. ଲକ୍ଷ୍ମଣ କୁମାର ବିଶ୍ୱାଳ, କବି ପ୍ରଭାକର ସାହୁ, ଗଙ୍ଗାଧର ପୃଷ୍ଟି, ଭାସ୍କର ମିଶ୍ର, ରବିନାରାୟଣ ଭୋଳ, ସରସ୍ୱତୀ ପଣ୍ଡା, କ୍ରିଷ୍ଣା ସାହା, ସଂଗ୍ରାମ କୁମାର ମିଶ୍ର ଓ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଏହି ଅବସରରେ 'ମନା' ପକ୍ଷରୁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ 'ମନା'ର ମୁଖପତ୍ର ଓ 'ମନା'ଦ୍ୱାରା ପ୍ରକାଶିତ 'ନୀତିନିଷ୍ଠ ନବକୃଷ୍ଣ' ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦିପ୍ତିମୟୀ ସାହୁ ଧନ୍ୟବାଦ ଦେଇଥିଲେ।

## ଖଡ଼ିଆଳ ବ୍ଲକରେ ଜନଶୁଣାଣି ଶିବିର : ୭୪ଟି ବିଭାଗୀୟ ଆପତ୍ତି ଓ ଅଭିଯୋଗର ଶୁଣାଣି

ନୂଆପଡ଼ା,୨୧/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରସ୍ଥିତ ବହୁମୁଖୀ ମଣ୍ଡପଠାରେ ଓଡ଼ିଶା ସାମାଜିକ ସମୀକ୍ଷା, ଦାୟିତ୍ୱ ଓ ସ୍ୱଚ୍ଛତା ମିଶନ ଆନୁକୂଲ୍ୟରେ ବ୍ଲକ୍ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୭୪ଟି ବିଭାଗୀୟ ଆପତି ଓ ଅଭିଯୋଗର ଶୁଣାଣି କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସୁପାରିଶ କରାଯାଇଛି। ଖଡ଼ିଆଳ ବ୍ଲକ୍ ର୨୬ଟି ଗ୍ରାମପଂଚାୟତରେ ସାମାଜିକ ସମୀକ୍ଷକ ମାନେ ବିଭିନ୍ନ ସମୀକ୍ଷା ବିଷୟବସ୍ତୁକୁ ନେଇ କ୍ଷେତ୍ରସ୍ତରରେ ତଥ୍ୟ ସଂଗ୍ରହ ଓ ଅନୁଧ୍ୟାନ କରିଥିଲେ। ସଂଗୃହୀତ ତଥ୍ୟ ଓ ଅନୁଧ୍ୟାନରୁ ସାମ୍ନାକୁ ଆସିଥିବା ଆପତି ଓ ଅଭିଯୋଗଗୁଡ଼ିକୁ ଜନଶୁଣାଣି ମଂଚରେ ଉପସ୍ଥାପନ କରାଯାଇ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ କରାଯାଇଥିଲା। ବ୍ଲକ୍ ସ୍ତରୀୟ ସମୀକ୍ଷା କମିଟି ସଦସ୍ୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧାରୁଆ, ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର, ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ସାମାଜିକ ସମୀକ୍ଷା କମିଟି ସଦସ୍ୟ ଅଜିତ ପଣ୍ଡା, ତପନ ଦାଶ ଓ ରୋହିତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଆସିଥିବା ୭୪ଟି ଆପତି ଓ ଅଭିଯୋଗର ଶୁଣାଣି କରାଯାଇ ସମ୍ପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସୁପାରିଶ କରାଯାଇଥିଲା। ସମୀକ୍ଷା ସମୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତତା ଯୋଜନା ଓ ସର୍ବଶିକ୍ଷା ଅଭିଯାନ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଭାକୁ ମିଳନ ପତି ପରିଚାଳନା କରିଥିଲେ।

## ୧୨ ଘଣ୍ଟା ଭିତରେ ଚୋରକୁ ଧରିବା ସହ ସାଇକେଲ ଉଦ୍ଧାର କରିଛି ଭଦ୍ରକ ଟାଉନ ପୋଲିସ

ଭଦ୍ରକ୨୧/୮ଏତଲା ଦେବାପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ,ଭଦ୍ରକ ସହର ଅମ୍ବିକା ହୋଟେଲ ନିକଟରୁ ୮୦ ହଜାର ଟଙ୍କାର ସାଇକେଲଚୋରି ହୋଇଥିଲା ଚୋରି , ର । ୧୨ ଘଣ୍ଟା ଭିତରେ ଚୋରକୁ ଧରିବା ସହ ସାଇକେଲ ଉଦ୍ଧାର କରିଛି ଭଦ୍ରକ ଟାଉନ ପୋଲିସ। ଚୋର ଜଣକ ରବୀନ୍ଦ୍ର ସାହୁ ଆଜି ଗିରଫ ହୋଇ କୋର୍ଟ ଚାଲାଣ ହୋଇଛି। ଭଦ୍ରକ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ମନୋଜ କୁମାର ରାଉତ ଓ ସହରାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ସ୍ପେଶଲ ସ୍କ୍ୱାଡ ମନୋଜ ପ୍ରଧାନ ଏବଂ ସୁଶାନ୍ତ ପାଢ଼ୀଙ୍କୁ ଧନ୍ୟବାଦ ଦେଇଛନ୍ତି ସାଇକେଲ ମାଲିକ କୈଳାଶ ପଣ୍ଡା । ଚୋରି ଡକାୟତ ଉପରେ ଭଦ୍ରକ ପୋଲିସର ତିକ୍ଷ୍ଣ ନଜର, ଭଦ୍ରକ ପୋଲିସର ଏହି ଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରିଛନ୍ତି ଭଦ୍ରକ ବାସି।

# ମାଲକାନଗିରିରେ ୫୦ ଜଣ ସମ୍ବଳ ଶିକ୍ଷକଙ୍କ ଦିନିକିଆ କର୍ମଶାଳା

ମାଲକାନଗିରି,୨୧/୦୮ (ନି.ପ୍ର): ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି ଦ୍ୱାରା ଆୟୋଜିତ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଆଜି ପିଏମ୍‌ଶ୍ରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଯୋଗଦେଇ କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ସମ୍ବୋଧନ ପ୍ରସଙ୍ଗରେ ସେ କହିଥିଲେ ଯେ ଗୁଣାତ୍ମକ ଶିକ୍ଷାଦାନ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମ୍ବଳ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କ୍ଷେତ୍ର ସ୍ତରରେ ଶିକ୍ଷାର ମାନବୃଦ୍ଧି ପାଇଁ ଶିକ୍ଷକମାନେ ନିଷ୍ଠାର ସହ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା, କାଲିମେଳା ବ୍ଲକ୍ ଶିକ୍ଷା ଅଧିକାରୀ ରମେଶ ବାରୋଇ ଏବଂ ମାଲକାନଗିରି ବ୍ଲକ୍ ଶିକ୍ଷା ଅଧିକାରୀ ମମତା ସୋୟ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚୟନିତ ୫୦ ଜଣ ସମ୍ବଳ ଶିକ୍ଷକ, ନୋଡାଲ୍ ପ୍ରଧାନ ଶିକ୍ଷକ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ଏବଂ ପ୍ରାଥମିକ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଜିଲ୍ଲା, ବ୍ଲକ୍ ଓ କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମ — ଯଥା ସୁରଭି, ଶିକ୍ଷଣ ଶିକ୍ଷା ସାମଗ୍ରୀ ମେଳା, ପିଏମ୍‌ଶ୍ରୀ ଉତ୍ସବ, ଦଶମ ଶ୍ରେଣୀ ପାଇଁ ଆଶ୍ୱାୟାର, କାନ୍ଥ ପତ୍ରିକା, ଜ୍ଞାନ କାନ୍ଥ, ସ୍କାଉଟ୍ ଓ ଗାଇଡ୍, କ୍ରୀଡ଼ା ଏବଂ ବିଜ୍ଞାନ ପ୍ରଦର୍ଶନୀ ସମ୍ପର୍କରେ ସମ୍ବଳ ଶିକ୍ଷକମାନଙ୍କୁ ପୁଙ୍ଖାନୁପୁଙ୍ଖ ସୂଚନା ଓ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକ୍ ଓ କ୍ଲଷ୍ଟର ସ୍ତରରେ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସୁଚାରୁ ରୂପେ ଆୟୋଜନ ଓ ପରିଚାଳନା କରିବା ପାଇଁ ସମ୍ବଳ ଶିକ୍ଷକମାନଙ୍କୁ ସକ୍ଷମ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା। ଶେଷରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ ସମସ୍ତ ଅଂଶଗ୍ରହଣକାରୀ ଓ ଆୟୋଜକ ଦଳଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆପଡ଼ାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ନୂଆପଡ଼ା,୨୧/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଡ଼କ ଦୁର୍ଘଟଣା ହ୍ରାସ, ଅବୈଧ ପାର୍କିଂ ନିୟନ୍ତ୍ରଣ, ଭାରୀଯାନ ଚଳାଚଳରେ ନିୟମାବଳୀ, ହେଲମେଟ୍ ବ୍ୟବହାର ଏବଂ ବିପଜ୍ଜନକ ସଡ଼କ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକ ଆରମ୍ଭରେ ଅଧୀକ୍ଷଣ ଯନ୍ତ୍ରୀ, ଆର୍ ଆଣ୍ଡ ବି, ଖରିଆର ଶଶାଙ୍କ ଶେଖର ଶୁକ୍ଲା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପୂର୍ବ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକର ନିଷ୍ପତିଗୁଡ଼ିକର ଅନୁପାଳନ ରିପୋର୍ଟ ଏବଂ ଆଜିର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତିଗୁଡ଼ିକର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ସହରାଂଚଳରେ ଟ୍ରାଫିକ୍ ଭିଡ଼ ଓ ସଡ଼କ ଦୁର୍ଘଟଣା ଆଶଙ୍କା ହ୍ରାସ ପାଇଁ ନୂଆପଡ଼ା, ଖରିଆର ରୋଡ୍ ଓ ଖରିଆର ଏନ୍‌ଏସି ଅଞ୍ଚଳରେ ଭାରୀଯାନ ପ୍ରବେଶକୁ ନିୟନ୍ତ୍ରଣ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ସକାଳ ୭ଟାରୁ ୧୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସହର ଅଂଚଳକୁ ଭାରୀଯାନ ପ୍ରବେଶ ନିଷେଧ କରାଯିବ। ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ପାର୍କିଂ କରାଯାଇଥିବା ଯାନବାହନକୁ ତୁରନ୍ତ ହଟାଇବା ପାଇଁ ନୂଆପଡ଼ା, ଖରିଆର ରୋଡ୍ ଓ ଖରିଆର ଏନ୍‌ଏସି ପକ୍ଷରୁ କ୍ରେନ୍ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେପଟ୍ଟେମ୍ବର ୧୫ ସୁଦ୍ଧା କ୍ରେନ୍ କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଜୁ ଏକ୍ସପ୍ରେସ୍ୱେରେ ଯେଉଁ ସ୍ଥାନଗୁଡ଼ିକରେ ଡାଇଭର୍ସନ କରାଯାଇଛି, ସେଠାରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ସହ ମରାମତି କାର୍ଯ୍ୟ ଶୀଘ୍ର ସମାପ୍ତ କରି ଦୁର୍ଘଟଣା ରୋକିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୨୬ ଜାନୁଆରୀରୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ହେଲମେଟ୍ ବିନା ଗାଡ଼ି ଚଳାଇବା ଅଭିଯୋଗରେ ମାସୱାରୀ ଭାବେ ୬୦୧, ୭୦୨, ୭୯୭, ୬୨୯, ୨୨୫, ୩୦୯, ୧୬୭ ଓ ୩୮୨ଟି ଚାଲାଣ ଜାରି ହୋଇଛି। ସେହିପରି ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲାରେ ଏହି ସମୟ ମଧ୍ୟରେ ମୋଟ ୧୭୦ଟି ଚାଲାଣ କରାଯାଇଥିବା ତଥ୍ୟ ବୈଠକରେ ଉପସ୍ଥାପିତ ହୋଇଥିଲା। ଜୁନ୍ ୨୦୨୬ରେ ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ମୋଟ ୪୬୪ଟି ଇ-ଚାଲାଣ ଜାରି ହୋଇଥିଲା। ସେଥିମଧ୍ୟରେ ୧୬୭ଟି ହେଲମେଟ୍ ବିନା ଚାଳନା, ୬୬ଟି ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ୬ଟି ମାଲବାହୀ ଯାନରେ ଯାତ୍ରୀ ପରିବହନ ଓ ୪ଟି ଓଭରଲୋଡ୍ ମାମଲା ରହିଥିଲା। ଏହି ମାସରେ ୪୦୧ଟି ଇ-ଚାଲାଣ ମାମଲାରୁ ମୋଟ ୧୫ ଲକ୍ଷ ୫୧ ହଜାର ୫୬୫ ଟଙ୍କା ଜରିମାନା ଆଦାୟ ହୋଇଥିଲା। ବୈଠକରେ ଜିଲ୍ଲାରେ କାର୍ଯ୍ୟକ୍ଷମ ହେଲମେଟ୍ ହବଗୁଡ଼ିକର ସ୍ଥିତି ସମୀକ୍ଷା କରାଯାଇଥିଲା। ହେଲମେଟ୍ ହବ୍ରେ ନିୟମିତ ଯାଂଚ, ପ୍ରଥମିକ ଚିକିତ୍ସା ବକ୍ସ ବ୍ୟବସ୍ଥା, ପେଭର ବ୍ଲକ୍ରେ ସମତଳୀକରଣ ଏବଂ ପାନିଗ୍ରାହୀ ପେଟ୍ରୋଲ ପମ୍ପ ନିକଟସ୍ଥ ହେଲମେଟ୍ ହବ୍ରେ ସ୍ଥାୟୀ ଛାତ ନିର୍ମାଣ ଭଳି ପଦକ୍ଷେପର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ଖରିଆର ରୋଡ୍ ଓ ଖରିଆର ଏନ୍‌ଏସି ପକ୍ଷରୁ ହେଲମେଟ୍ ହବଗୁଡ଼ିକର ନିୟମିତ କ୍ଷେତ୍ର ପରିଦର୍ଶନ କରାଯାଉଥିବା ସୂଚନା ଦିଆଯାଇଥିଲା। ସେହିପରି 'ନୋ ହେଲମେଟ୍-ନୋ ପେଟ୍ରୋଲ' ବ୍ୟବସ୍ଥାର କଡ଼ା ଅନୁପାଳନ ପାଇଁ ପେଟ୍ରୋଲ ପମ୍ପଗୁଡ଼ିକରେ ଆର୍ଟିଓ ଏନଫୋର୍ସମେଂଟ ଟିମ୍ ଦ୍ୱାରା ନିୟମିତ ଯାଂଚ କରାଯିବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଶ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ଉମାକାନ୍ତ ମେହେର, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଆର୍ ଆଣ୍ଡ ବି ଏସଡିଓ ସୁକାନ୍ତ ଗରଡ଼ିଆ, ଏମ୍ଭିଆଇ ଉପେନ୍ଦ୍ର ପୁଷିକା, ନୂଆପଡ଼ା, ଖରିଆର ଓ ଖରିଆର ରୋଡ୍ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମାଲକାନଗିରି ବିମାନବନ୍ଦରରୁ ଉଡ଼ିବ ବିମାନ : ପ୍ରସ୍ତୁତି ସମୀକ୍ଷା କଲେ ଜିଲ୍ଲା ପ୍ରଶାସନ

ମାଲକାନଗିରି,୨୧/୦୮ (ନି.ପ୍ର): ମାଲକାନଗିରି ବିମାନବନ୍ଦରରୁ ବାଣିଜ୍ୟିକ ବିମାନ ସେବାର ଶୁଭାରମ୍ଭ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସେବାର ଆନୁଷ୍ଠାନିକ ଉଦଘାଟନ ହେବାକୁ ଥିବାବେଳେ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି । ବିମାନ ସେବାକୁ ସୁଗମ ଓ ସୁବ୍ୟବସ୍ଥିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଡେପୁଟି କଲେକ୍ଟର ସ୍ୱୟଂ ସିଦ୍ଧ ରାଉତଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଭୂମିସ୍ତରୀୟ ପ୍ରସ୍ତୁତି ଓ ସମନ୍ୱୟର ସମୀକ୍ଷା କରିଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ ଏଠାରୁ ଆରସିଏସ ଉଡ଼ାନ୍ ଯୋଜନାରେ ନନ୍-ସେଡ୍ୟୁଲ୍ଡ ବାଣିଜ୍ୟିକ ବିମାନ ଚଳାଚଳ ଆରମ୍ଭ ହେବ। ଇଣ୍ଡିଆୱାନ୍ ଏୟାର ପକ୍ଷରୁ ୯ ସିଟ୍ ବିଶିଷ୍ଟ ବିମାନ ଉଡ଼ାଣ ଭରିବ। ଯାତ୍ରୀମାନଙ୍କ ଟିକେଟ ବୁକିଂ ଏବଂ ସହାୟତା ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଉଛି। ଏହି ବିମାନ ସେବା ଦ୍ୱାରା ଜିଲ୍ଲାରେ ଯୋଗାଯୋଗ, ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆସିବ ବୋଲି ପ୍ରଶାସନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

## ବନ୍ୟା ପ୍ରପୀଡ଼ିତଙ୍କୁ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗର ଶୁଖିଲା ଖାଦ୍ୟ ବଂଟନ

ଭଦ୍ରକ,୨୧/୦୮ (ନି.ପ୍ର): ବନ୍ୟା ପ୍ରପୀଡ଼ିତଙ୍କ ସହାୟତା ପାଇଁ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗ ସୋସିଆଲ୍ ଅର୍ଗାନାଇଜେସନ୍, ଭଦ୍ରକ ଶାଖାର ମିଳିତ ଉଦ୍ୟମରେ ଆଜି ଭଦ୍ରକ ଜିଲ୍ଲାର ରଇପୁର ପଂଚାୟତର ମଉଦପୁର ଏବଂ ଅର୍ଜୁନପୁର ପଂଚାୟତର ବାଲିପାଟଣା ଓ ଜେନାସାହି ଅଂଚଳରେ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି। ଏହି ମାନବିକ ଅଭିଯାନରେ ପ୍ରାୟ ୧୫୦ଟି ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ବନ୍ୟା ପରିସ୍ଥିତିରେ ଅସୁବିଧାରେ ଥିବା ପରିବାରଗୁଡ଼ିକଙ୍କ ନିକଟରେ ଆବଶ୍ୟକ ସହାୟତା ପହଂଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବଂଟନ କାର୍ଯ୍ୟକ୍ରମରେ ମାକ୍ରୋୱେଭ୍ ଟେକ୍ନୋଲୋଜିର ପ୍ରୋଗ୍ରାମ୍ କୋଅର୍ଡିନେଟର ରାଜ କିଶୋର ମହାନ୍ତି, ପ୍ରୋଜେକ୍ଟ କୋଅର୍ଡିନେଟର ନିର୍ମଳ କୁମାର ମାଝୀ, ସିନିୟର ଟେକ୍ନିସିଆନ୍ ଭକ୍ତହରି ସାହୁ, ସିନିୟର ଟେକ୍ନିସିଆନ୍ ସୁନୀଲ କୁମାର ବେହେରା, ଟେକ୍ନିସିଆନ୍ ପ୍ରମୋଦ କୁମାର ପୁହାଣ, ପୂର୍ଣ୍ଣଚନ୍ଦ୍ର ରାଉତ ଓ ବଳରାମ ପାତ୍ର ଯୋଗଦେଇଥିଲେ। ଏଥିସହ ଆନନ୍ଦମାର୍ଗ ସୋସିଆଲ୍ ଅର୍ଗାନାଇଜେସନ୍, ଭଦ୍ରକ ଶାଖାର ସମ୍ପାଦକ ଶ୍ରୀ ଜଗନ୍ନାଥ ରାୟ ଉପସ୍ଥିତ ରହି ବଂଟନ କାର୍ଯ୍ୟରେ ସହଯୋଗ କରିଥିଲେ। ନଦୀଗାଁର ସମାଜସେବୀ ମାନସ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିପଦ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଠିଆ ହୋଇ ସହାୟତାର ହାତ ବଢ଼ାଇବା ଏବଂ ସମାଜ ପ୍ରତି ନିଜର ଦାୟିତ୍ୱ ତୁଲାଇବା ଦିଗରେ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗର ଏହି ମିଳିତ ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି।

# ସୁବର୍ଣ୍ଣରେଖାରେ କମୁଛି ଜଳସ୍ତର ବଢୁଛି ଲୋକଙ୍କ ଦୁର୍ଦ୍ଦଶା

## ତୃତୀୟ ଦିନରେ ବାଲିଆପାଳ ବ୍ଲକର ବନ୍ୟା ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ

## ୮ ଟି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗାଁ ଏବେ ମଧ ପାଣିଘେରରେ



ବାଲିଆପାଳ , ୨୧/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଆସିଥିବା ଦ୍ୱିତୀୟ ବନ୍ୟା ତୃତୀୟ ଦିନରେ ଜଳ ସ୍ତର ହ୍ରାସ ପାଇଥିବା ବେଳେ ଏବେ ମଧ ୪୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ରହିଛି। ଗୁରୁବାର ଭୋର ଠାରୁ ବନ୍ୟା ପାଣି କମିବାରେ ଲାଗିଛି। ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଗାଁ ପାଣିଘେରରେ ଏବେ ମଧ ରହିଛି। ବାଲିଆପାଳ ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ମଧ ବାହ୍ୟ ଜଗତରୁ ବିଛିନ୍ନ ହୋଇ ରହିଛି। ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା,କୁମ୍ଭାରୀ ପ୍ରଭୃତି ପଂଚାୟତର ଚଡପାଳପଡା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ଆଠଡାଟିଆ,ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି । ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଂଚୁରୁଖି-ଚଉଧୁରି କୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ଆଜି ମଧ ୨ଫୁଟରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି । ବିଷ୍ଣୁପୁର, ଜାମକୁଣ୍ଡା, ଅସ୍ତି, ବାଲିଆପାଳ,ମଧୁପୁରା ,ନିଖିରା, କୁମ୍ଭାରୀ ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ ବୁଧବାର ରାତ୍ରୀଠାରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ଆଜି ମଧ ୭ଟି ପଞ୍ଚାୟତର ବନ୍ୟା ବିପନ୍ନ ଲୋକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଆବଶ୍ୟକ ପଡିଲେ ଆଜି ରାତିରେ ମଧ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ତେବେ ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସି ଲୋକଙ୍କ ଧନ ଜୀବନ କ୍ଷତି ହେଉଥିବା ବେଳେ ଚାଷବାସ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ବାରମ୍ବାର ଆସୁଥିବା ବନ୍ୟା ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ହେଲେ ଚୁଡ଼ା,ଗୁଡ କିମ୍ବା ରନ୍ଧା ଖାଦ୍ୟ ଅଥବା ରିଲିଫ ଚାଉଳ ନୁହେଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ଏକ ମାତ୍ର ବିକଳ୍ପ।ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ସଂସ୍କାର ଯୋଜନା ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଛି। ଜୀବନ ଜୀବିକା ହରାଇ ବନ୍ୟା ପ୍ରଭାବିତ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପୂର୍ବ ସରକାର ମାନେ ଆଗ୍ରହ ପ୍ରକାଶ କରିନଥିଲେ। ବର୍ତ୍ତମାନ କେନ୍ଦ୍ର ଏବଂ ରାଜ୍ୟ ଉଭୟ ସ୍ଥାନରେ ବିଜେପି ସରକାର ଅଛନ୍ତି। ତେଣୁ ସରକାରଙ୍କ ଆଗ୍ରହ ଏବଂ ଇଛାଶକ୍ତି ରହିଲେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳର ଜନସାଧାରଣ କହିଛନ୍ତି। ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାଘାଯତିନ ସ୍ମୃତି ପରିଷଦ,ଆର୍ମି ସଂଗଠନ ଓ ଯୁବ ବିକାଶ ପ୍ରଭୃତି ସଂଗଠନ ଅସ୍ତି ପଞ୍ଚାୟତର ବଢ଼ାପାଳ ଠାରୁ ଚୈମୁଖ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀର ଉଭୟ ପାର୍ଶ୍ୱରେ ଉଚ୍ଚା ନଦୀ ବନ୍ଧ ନିର୍ମାଣ ପାଇଁ ପ୍ରବଳ ଜନମତ ସୃଷ୍ଟି କରିବା ପାଇଁ ଲାଗିଛନ୍ତି। ତେବେ ସୁବର୍ଣ୍ଣରେଖା ନଦୀରେ ପ୍ରତିବର୍ଷ ଆସୁଥିବା ପ୍ରଳୟଙ୍କରୀ ବନ୍ୟାକୁ ରୋକି ଲୋକଙ୍କ ଧନ ଜୀବନ ରକ୍ଷା କରିବା ପାଇଁ ସରକାରଙ୍କୁ ଯଥାଶୀଘ୍ର ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ପାରାଦୀପ ବନ୍ଦରରେ ୪୨୭.୮୦ କୋଟିର ବିଭିନ୍ନ ପ୍ରକଳ୍ପର ଉଦଘାଟନ କଲେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ




ପାରାଦୀପ, ୨୧/୮ (ନି.ପ୍ର): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ଠାରେ ୪୨୭.୮୦ କୋଟି ବ୍ୟୟରେ ନିର୍ମିତ ସାତଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ଉଦ୍ଘାଟନ କରିଛନ୍ତି । ଏହି ଉଦଘାଟନି ସମାରହୋରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗ ଦେଇ ଶିଳ୍ପ-ସମୃଦ୍ଧ ସମଗ୍ର ପାରାଦୀପର ବିକାଶ ପାଇଁ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସ୍ୱାଗତ ଭାଷଣ ଦେଇଥିଲେ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହରନାଦ । ଏହି ଅବସରରେ ପାରାଦୀପ ବନ୍ଦରର ୧୮.୫ ମିଟର ଗଭୀର ଡ୍ରାଫ୍ଟ କ୍ଷମତା ହାସଲ କରିବା ସହ ଦଶଲକ୍ଷତମ ବୃକ୍ଷରୋପଣ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି କହିଥିଲେ।ସେହିପରି ବନ୍ଦରର କ୍ଷମତା ଓ କାର୍ଗୋ ପରିଚାଳନ କ୍ଷମତାକୁ ଆହୁରି ସୁଦୃଢ଼ କରିବା ପାଇଁ ୧,୫୮୦.୩୬ କୋଟି ବିନିଯୋଗର ତିନୋଟି ଯାନ୍ତ୍ରୀକରଣ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। ଯାହା ନୌଚଳାଚଳ, ସଂଯୋଗ ବ୍ୟବସ୍ଥା, ସୁରକ୍ଷା, ସ୍ଥାୟୀ ବିକାଶ, ଆବାସିକ ଭିତ୍ତିଭୂମି ଏବଂ ସାମୁଦାୟିକ ବିକାଶ ସହ ଜଡିତ ଥିବାବେଳେ ଯାନ୍ତ୍ରୀକରଣ ପ୍ରକଳ୍ପଗୁଡ଼ିକ କାର୍ଗୋ ପରିଚାଳନକୁ ଆହୁରି ଦ୍ରୁତ କରିବ। ଏହା ସହିତ ୪୨୭.୮୦ କୋଟିର ସାତଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ସେଥି ମଧରୁ ୧୮.୫ ମିଟର ଗଭୀର ଡ୍ରାଫ୍ଟ କ୍ଷମତା ୩୫୨ କୋଟି। କ୍ୟାପିଟାଲ ଡ୍ରେଜିଂ ମାଧ୍ୟମରେ ପାରାଦୀପ ବନ୍ଦରର ଆଭ୍ୟନ୍ତରୀଣ ହାର୍ବରରେ ପୂର୍ଣ୍ଣ ଲୋଡ୍ ଥିବା କେପସାଇଜ୍ ଜାହାଜ ଚଳାଚଳ ସମ୍ଭବ ହେବ ଏହା ଫଳରେ ଲଜିଷ୍ଟିକ୍ ଖର୍ଚ୍ଚ ଓ ଜାହାଜ ଗତି ପରିବର୍ତ୍ତନ ସମୟ ହ୍ରାସ ପାଇବ। ଅଠରବାଙ୍କୀ ରେ ଦ୍ୱିତୀୟ ନୂତନ ସେତୁ ୨୪ ୮୯ କୋଟି।୫୦୦ ମିଟର ଲମ୍ବ ବିଶିଷ୍ଟ ଏହି ତିନି ଲେନ ବିଶିଷ୍ଟ ସେତୁରେ ପାଦଚଲା ପଥ ଏବଂ ପାଇପଲାଇନ କରିଡର ରହିଛି। ପ୍ରତିଦିନ ପ୍ରାୟ ୩୦୦୦ ଟ୍ରକ୍ ଚଳାଚଳ କରୁଥିବା ଏହି ରାସ୍ତାରେ ଯାତାୟାତ ଚାପ ହ୍ରାସ ପାଇବ, କ୍ରୀଡ଼ା ଛାତ୍ରାବାସ ୨.୧୦ କୋଟି।ଏହି ସୁବିଧା ଉଦୀୟମାନ କ୍ରୀଡ଼ାବିତମାନଙ୍କୁ ରହିବା ଏବଂ ଆବଶ୍ୟକ ସୁବିଧା ଯୋଗାଇବା ସହ ଯୁବ ବିକାଶକୁ ପ୍ରୋତ୍ସାହନ ଦେବ। ପ୍ରଶାସନିକ କାର୍ଯ୍ୟାଳୟ ଭବନର ଆଧୁନିକୀକରଣ ପାଇଁ ୧୨.୧୮ କୋଟି। ଆବାସିକ କଲୋନୀକୁ ପାଇପ ଯୋଗେ ନ୍ୟାଚୁରାଲ ଗ୍ୟାସ୍ ସପ୍ଲାଇ ପାଇଁ ୨୦ କୋଟି।ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ମଧୁବନ ଅଞ୍ଚଳର ୫୪୬ ଟି ଆବାସିକ କ୍ୱାର୍ଟରକୁ ପିଏନଜି ସଂଯୋଗ ଯୋଗାଇ ଦିଆଯିବ। ଏହା ଘରୋଇ ଗ୍ୟାସ୍ ଖର୍ଚ୍ଚକୁ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ କମାଇବ। ଉନ୍ନତ ଭେସେଲ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ଏବଂ ସୂଚନା ପ୍ରଣାଳୀ ପାଇଁ ୧୫. ୫୦ କୋଟି। କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲ ପାରାଦୀପ ବନ୍ଦର ରେ ଦଶଲକ୍ଷତମ ବୃକ୍ଷ ରୋପଣ କରି ବନ୍ଦରର ସବୁଜ ପରିବେଶ ସୃଷ୍ଟି କଲେ। ୭୧, ୫୮୦.୩୬ କୋଟିର ଯାନ୍ତ୍ରୀକରଣ ପ୍ରକଳ୍ପ ୨୦୩୦ ସୁଦ୍ଧା ଶତ ପ୍ରତିଶତ ବର୍ଥ ଯାନ୍ତ୍ରୀକରଣ ଲକ୍ଷ୍ୟ ହାସଲ ପାଇଁ ପାରାଦୀପ ବନ୍ଦର ତିନୋଟି ପ୍ରକଳ୍ପ ପାଇଁ ରିହାତି ଚୁକ୍ତି ସ୍ୱାକ୍ଷର କରିଛି। ବର୍ତ୍ତମାନ ବନ୍ଦରର ଯାନ୍ତ୍ରୀକରଣ ସ୍ତର ପ୍ରାୟ ୮୦ ପ୍ରତିଶତ ରହିଛି।ଏହି ପ୍ରକଳ୍ପଗୁଡ଼ିକ ହେଲା ୫ଏମଟିପିଏ ସାଉଥ୍ କ୍ଲେ ଯାନ୍ତ୍ରୀକରଣ ପ୍ରକଳ୍ପ ୪୯୮.୬୯ କୋଟି ୮ଏମଟିପିଏ ମଲ୍ଟିପର୍ପୋଜ୍ ବର୍ଥ ଯାନ୍ତ୍ରୀକରଣ ପ୍ରକଳ୍ପ ୬୩୦.୬୭ କୋଟି। ୧୦ ଏମଟିପିଏ ସିକ୍ୟୁ-୩୧୦ କ୍ୟାପ୍ଟିଭ୍ ଯାନ୍ତ୍ରୀକରଣ ପ୍ରକଳ୍ପ ୪୫୧ କୋଟି। ତେବେ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରୀ ସର୍ବାନନ୍ଦ ସୋନୋୱାଲ କହିଥିଲେ ଯେ, ପାରାଦୀପର ବିକାଶ ଭାରତର ସାମୁଦ୍ରିକ କ୍ଷେତ୍ରରେ ଚାଲିଥିବା ବ୍ୟାପକ ପରିବର୍ତ୍ତନର ଏକ ଅଂଶ । "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଏକ ଅଭୂତପୂର୍ବ ସାମୁଦ୍ରିକ ଆଧୁନିକୀକରଣ ଯୁଗରେ ପ୍ରବେଶ କରିଛି। ଗତ ୧୨ ବର୍ଷ ମଧ୍ୟରେ ଆମେ ବନ୍ଦର, ଜଳପଥ, ଜାହାଜ ଚଳାଚଳ ଏବଂ ସାମୁଦ୍ରିକ କ୍ଷମତାକୁ ସୁଦୃଢ଼ କରିଛୁ, ଯାହା ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ୨୦୪୭ ର ଯାତ୍ରାକୁ ଶକ୍ତି ପ୍ରଦାନ କରୁଛି।"ମେରିଟାଇମ ଓ ଶିପ ବିଲ୍ଡିଂଗ ମାଧ୍ୟମରେ ଓଡ଼ିଶାର ୧୬୮ ଜଣ ବେରୋଜଗାର ଯୁବକ-ଯୁବତୀଙ୍କୁ ନିଯୁକ୍ତି ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଓସେହିପରି ଏମପିଇଡିଏ ସହଯୋଗରେ ପାରାଦୀପ ମତ୍ସ୍ୟ ବନ୍ଦର ଅଞ୍ଚଳର ମତ୍ସ୍ୟଜୀବୀ ସମ୍ପ୍ରଦାୟ ପାଇଁ ମାଛର ଗୁଣବତ୍ତା, ସ୍ୱଚ୍ଛ ପରିଚାଳନା, ଦାୟିତ୍ୱପୂର୍ଣ୍ଣ ମତ୍ସ୍ୟଚାଷ ଏବଂ ସ୍ଥାୟୀ ମତ୍ସ୍ୟ ସମ୍ପଦ ସୁରକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ଆୟୋଜନ କରାଯାଇଥିଲା।

## ସାମାଜିକ ସୁରକ୍ଷାରୁ ବଂଚିତ ଦିନମଜୁରିଆ ଦମ୍ପତି

ଉଦଳା , ୨୧/୮ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ମହୁଲପଙ୍ଖା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ମକର ପିଙ୍ଗୁଆ ଓ ତାଙ୍କର ସହଧର୍ମିଣି ମିଂଜାରି ପିଙ୍ଗୁଆ ଉଭୟେ ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଆଧାରକାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ମକରଙ୍କୁ ବର୍ତମାନ ବୟସ ୭୨ବର୍ଷ ଓ ମିଂଜାରିଙ୍କୁ ୬୬ବର୍ଷ ଛୁଇଁଲା । ବୟସ ଅଧିକ ହୋଇଯାଇଥିବାରୁ ଏହି ଦୁଇ ଦମ୍ପତି ଆଉ ଆଗଭଳି କାମ କରିପାରୁ ନାହାଁନ୍ତି। ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଏତିକିବେଳେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ଏହି ଦମ୍ପତି ବଂଚିତ ଥିବାର କହିଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସି ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳାଠାରେ ରହିଛି। ଏହି ଆଦିବାସି ଦମ୍ପତିଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ବାରିପଦା ଇନରହ୍ୱିଲ କ୍ଲବ ପାଳିଲା ସାୱନ୍ ମହୋତ୍ସବ




ବାରିପଦା, ୨୧/୮ (ନି.ପ୍ର): ବାରିପଦାର ଅଗ୍ରଣୀ ମହିଳା ସାମାଜିକ ସଂଗଠନ ବାରିପଦା ଇନରହ୍ୱିଲ କ୍ଲବ ତରଫରୁ ଲୁଲୁଂର ଅର୍ଚିଡ଼ ଗାର୍ଡେନଠାରେ ସାୱନ ମହୋତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସୁପ୍ରତି ଦଳବେହେରାଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ଉତ୍ସବରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏତଦବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆମ ଉତ୍କଳର ସାଂସ୍କୃତିକ ଐତିହର ଗୌରବମୟ ଗାଥା ପରିବେଷିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ। ଦିବସ ବ୍ୟାପି ଉକ୍ତ କାର୍ଯ୍ୟକ୍ରମକୁ ଇନରହ୍ୱିଲ କ୍ଲବର ସଦସ୍ୟାମାନେ ସଫଳତାର ସହ ପରିଚାଳନା କରିଥିଲେ।

# ଅନ୍ଦୋଳା ହାଇସ୍କୁଲରେ ରହିଛି ଅନେକ ସମସ୍ୟା




ବାସୁଦେବପୁର, ୨୧/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅନ୍ଦୋଳା ପଞ୍ଚାୟତରେ ଅନ୍ଦୋଳା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି ୧୯୯୭ ମସିହାରେ। ଏହି ବିଦ୍ୟାଳୟରେ ବର୍ତ୍ତମାନ ଲାଗି ରହିଛି ଅନେକ ସମସ୍ୟା। ଶହ ଶହ ଛାତ୍ର ଛାତ୍ରୀ ଏହି ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଏଠାରେ ପ୍ରଥମ ସମସ୍ୟା ରହିଛି ପିଇବା ପାଣି ସମସ୍ୟା। ବାହାରୁ ପାଣି ଆଣି ଏଠାରେ ସମସ୍ତ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ପିଉଛନ୍ତି। ଯେତେବେଳେ ରୋଷେଇ କାର୍ଯ୍ୟ ଚାଲୁଛି ସେତେବେଳେ ମଧ ବାହାରୁ ପାଣି ଆସୁଛି। ଏହାପରେ ରହିଛି ପାଇଖାନା ସମସ୍ୟା। ଗତ ସରକାର ରେ ଫାଇଭ ଟି କାର୍ଯ୍ୟ ସମୟରେ ପାଇଖାନା କାମ ସମ୍ପୂର୍ଣ୍ଣ ହୋଇ ନାହିଁ। କାମ ଅଧା ହୋଇ ରହିଛି। ଏହା ବ୍ୟତୀତ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଯେଉଁ ବିଜ୍ଞାନ ଓ ଖେଳ ଉପକରଣ ରହିବା କଥା ତାହା ମଧ ମିଳିନାହିଁ। ଏହି ବିଦ୍ୟାଳୟର ଅନେକ ସମସ୍ୟା ରହିଛି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ବାରିକ ମତ ପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟର ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ବସୁମତୀ ଖଟୁଆ,ବ୍ରଜବନ୍ଧୁ ବାରିକ, ନୀଳାମ୍ବର ପୁହାଣ,ଜ୍ୟୋତିର୍ମୟୀ ନାୟକ, ନବ କିଶୋର ବାରିକ, ହୃଷୀକେଶ ପଣ୍ଡା, ସୁଶାନ୍ତ ଖିଲାର ପ୍ରମୁଖ ପାଠ ପଢ଼ାଉଛନ୍ତି। ଏହି ବିଦ୍ୟାଳୟରେ ରହିଛି ଅନେକ ସମସ୍ୟା। ତେଣୁ ତୁରନ୍ତ ଏହି ସମସ୍ୟା ପ୍ରତି ବର୍ତ୍ତମାନର ସରକାର ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଦୃଢ଼ ଦାବି ଓ ଅନୁରୋଧ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଲିଭିଗଲା ଓଲିଉଡର...

କିନ୍ତୁ ତାଙ୍କର ପ୍ରତିଟି ଗୀତ ଆଜି ବି ଜୀବନ୍ତ। ୧୯୩୮ ମସିହା ଜାନୁଆରୀ ୨୦ରେ ଜନ୍ମିତ ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ଯାତ୍ରା ଆରମ୍ଭ ହୋଇଥିଲା ୧୯୫୮ ମସିହାରେ 'ମା' ଚଳଚ୍ଚିତ୍ରରୁ । ଏହାର ପ୍ରଥମ ଗୀତ 'ବେଦନା ସାଗର ତୀରେ...' ତାଙ୍କୁ ରାତାରାତି ଲୋକପ୍ରିୟତା ଆଣିଦେଇଥିଲା । ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଲାଲମୋହନ ପଟ୍ଟନାୟକଙ୍କ ପୁଅ ହୋଇ ମଧ ସେ ରାଜନୀତି ଅପେକ୍ଷା ସଙ୍ଗୀତକୁ ନିଜର ଶ୍ରେଷ୍ଠ ପରିଚୟ ଭାବେ ବାଛିଥିଲେ। ପ୍ରଣବ ବାବୁ କେବଳ ଚଳଚ୍ଚିତ୍ର ସଙ୍ଗୀତରେ ସୀମିତ ନଥିଲେ । ସେ ଥିଲେ ଏକାଧାରରେ ଜଣେ ଶାସ୍ତ୍ରୀୟ ସଙ୍ଗୀତଜ୍ଞ, ଗଜଲ୍ ଗାୟକ ଏବଂ ଭଜନ ସମ୍ରାଟ । ତାଙ୍କ କଣ୍ଠରେ ଭଜନ 'ରେ ଆତ୍ମନ୍ ନିଦ୍ରା ପରିହରି...' କିମ୍ବା 'କେଉଁ ନାମ ଧରି ଡାକିବି ତୁମକୁ...' ଶୁଣିଲେ ଭକ୍ତଟିଏ ଆପେ ଆପେ ଭାବବିହ୍ୱଳ ହୋଇପଡେ। ତାଙ୍କର ସ୍ୱରରେ ଏକ ଅଜବ ଯାଦୁ ଥିଲା, ଯାହା ଦୁଃଖୀକୁ ଶାନ୍ତି ଏବଂ ପ୍ରେମୀକୁ ଉତ୍ସାହ ଦେଉଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ସେ ସାତଥର ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ସମ୍ମାନରେ ସମ୍ମାନିତ ହୋଇଥିଲେ । ସଙ୍ଗୀତ ଜଗତକୁ ତାଙ୍କର ଅବଦାନ ପାଇଁ ତାଙ୍କୁ ରାଜ୍ୟର ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ 'ଜୟଦେବ ପୁରସ୍କାର' ମଧ ପ୍ରଦାନ କରାଯାଇଥିଲା । ଅକ୍ଷୟ ମହାନ୍ତି, ସିକନ୍ଦର ଆଲାମ ଏବଂ ପ୍ରଣବ ପଟ୍ଟନାୟକ— ଏହି ତିନିଜଣଙ୍କୁ ଓଡ଼ିଆ ସଙ୍ଗୀତର ତ୍ରିମୂର୍ତ୍ତି ବୋଲି କୁହାଯାଏ। ଆଜି ପ୍ରଣବ ବାବୁଙ୍କ ବିଦାୟ ସହିତ ଏକ ସ୍ୱର୍ଣ୍ଣିମ ଯୁଗର ଅନ୍ତ ଘଟିଛି । ସେ ଶାରୀରିକ ଭାବେ ଆମ ଗହଣରେ ନଥିଲେ ମଧ, ତାଙ୍କର ଶହ ଶହ ସୁମଧୁର ଗୀତ ମାଧ୍ୟମରେ ସେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ସବୁଦିନ ପାଇଁ ଜୀବିତ ରହିବେ । ତାଙ୍କର ସେଇ ହସହସ ମୁହଁ ଏବଂ ଶାନ୍ତ ବ୍ୟକ୍ତିତ୍ୱ ସବୁଦିନ ମନେ ରହିବ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ...

ହାଜର ହୋଇ ତଥ୍ୟ ରଖିବାକୁ। ମନୋଜ ମିଶ୍ରଙ୍କ ଛଡ଼ା ଆଉ କେହି କ୍ୟାପିଟାଲ ଥାନାକୁ ଆସିଲେନି କି ତଦନ୍ତରେ ସହଯୋଗ କଲେନି। ପରେ ପରେ ପୁଲିସ ହାତରୁ ମାମଲା ନେଇ କ୍ରାଇମବ୍ରାଞ୍ଚକୁ ଟେକିଦେଲେ ସରକାର। ଅନେକ ଦିନ ବିତିଗଲାଣି, ହେଲେ ଚୁପ୍ ରହିଛି କ୍ରାଇମବ୍ରାଞ୍ଚ। କାହିଁକି ପ୍ରଭାବଶାଳୀଙ୍କ ଦେହରେ ହାତ ମାରିପାରୁନି କ୍ରାଇମବ୍ରାଞ୍ଚ ? ପାଣ୍ଡିଆନଙ୍କୁ ସୁରକ୍ଷା ଦେଉଛି କିଏ ? କେବେ ସାମନାକୁ ଆସିବେ ଫାଇଲ୍ ଗାୟବ୍‌ର କାର୍ପେଟଦାର ? ତାଳଚେର ଗୁରୁଜାଙ୍ଗରେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମବାର୍ଷିକୀ ପାଳନ ହୋଇଛି। ଏହି ଅବସରରେ ଫାଇଲ୍ ହଜିବାର କଥା ଉଠାଇ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି ମୁଖ୍ୟମନ୍ତ୍ରୀ। ସ୍ୱାମୀଜୀଙ୍କ ହତ୍ୟାକାଣ୍ଡକୁ ନେଇ ଗଠିତ ଜଷ୍ଟିସ ମହାପାତ୍ର ଏବଂ ନାଇଡୁ କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଫାଇଲ ଗୁଡ଼ିକ ଷଡ଼ଯନ୍ତ୍ର କରି ଗାଏବ କରି ଦିଆଯାଇଛି । ତାକୁ ଲୋକସେବା ଭବନରୁ ହଜାଇ ଦିଆଯାଇଥିଲା । ଅପରାଧୀଙ୍କୁ ବଞ୍ଚାଇବା ପାଇଁ ସୁଚିନ୍ତିତ ଓ ସାଂଘାତିକ ଷଡ଼ଯନ୍ତ୍ର ହୋଇଛି। ତେବେ ସତ୍ୟର ଉନ୍ମୋଚନ ନିଶ୍ଚିନ୍ତ ଭାବେ ହେବ ବୋଲି ଆଶ୍ୱାସନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେପଟେ ସିବିଆଇ ତଦନ୍ତ ଦାବି କରିଛନ୍ତି ଲକ୍ଷ୍ମଣାନନ୍ଦଙ୍କ ପରିବା। ଏହି ରହସ୍ୟ ଭେଦ କରିବାକୁ କ୍ରାଇମବ୍ରାଞ୍ଚକୁ ଆଉ କେତେ ଦିନ ଲାଗିବ ? ତାକୁ ଅପେକ୍ଷା କରିଛନ୍ତି ରାଜ୍ୟବାସୀ।

## ରାଜ୍ୟରେ ନକଲି ...

ଅପମିଶ୍ରିତ ପନିର ନେଇ କଟକ, ଭୁବନେଶ୍ୱର, ବ୍ରହ୍ମପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଛି ଚଢାଉ। ବଜାରରେ ବିକ୍ରି ହେଉଥିବା ପନିର କେତେ ଶୁଦ୍ଧ ନା ଅପମିଶ୍ରିତ ସେନେଇ ଯାଞ୍ଚ କରୁଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ। ଭୁବନେଶ୍ୱରର ବିଭିନ୍ନ ଛକ ବଜାରରେ ଥିବା ଛୋଟ ବଡ ଦୋକାନରେ ଚାଲିଛି ଅତର୍କିତ ଚଢାଉ। ପ୍ରଥମେ କିଛି ଦୋକାନରେ ଭଲ ପନିର ମିଳିଥିବାବେଳେ ଶେଷରେ ଚନ୍ଦ୍ରଶେଖରପୁର ଅଞ୍ଚଳର ଏକ ଦୋକାନରୁ ମିଳିଲା ଅପମିଶ୍ରିତ ପନିର। ଦେଖନ୍ତୁ କିଭଳି ମାତ୍ର କେଇ ସେକେଣ୍ଡରେ ପନିରର ରଙ୍ଗ ବଦଳିଯାଉଛି। ଅପମିଶ୍ରିତ ପନିର ମିଳିବା ପରେ ପାଖାପାଖି ୬୦କିଲୋର ପନିର ଓ ଛେନା ଫିଙ୍ଗି ଦିଆଯାଇଛି। ପୁନର୍ବାର ଏଭଳି କଲେ ଦୋକାନ ସିଜ କରିଦିଆଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ। କଟକ ଜିଲ୍ଲାର ନିଆଳି ଓ ନିମାପଡା ଅଞ୍ଚଳରୁ କଟକ-ଭୁବନେଶ୍ୱରକୁ ପନିର ଓ ଛେନା ଆସୁଛି। ସେଥିରୁ ଅନେକ ଅପମିଶ୍ରିତ ବୋଲି ଜଣାପଡିବା ପରେ ନିଆଳିରେ ପହଞ୍ଚିଥିଲା ଖାଦ୍ୟ ସୁରକ୍ଷା ଦଳ। ବିଭିନ୍ନ ମିଠା ଦୋକାନରେ ଯାଞ୍ଚ କରିଥିଲା ଦଳ। କିନ୍ତୁ ଖାଦ୍ୟ ସୁରକ୍ଷା ଯାଞ୍ଚ ଦଳ ମିଠା ଦୋକାନରେ ପହଞ୍ଚିବା ପୂର୍ବରୁ ମିଠା ଦୋକାନରୁ ଛେନା, ପନିର ଓ ମିଠା ଗାୟବ ହୋଇଯାଇଥିଲା। ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ। ଅନ୍ୟପଟେ ବଜାରରେ ବିକ୍ରି ହେଉଥିବା ଅପମିଶ୍ରିତ ପନିର ଓ ଛେନାକୁ ନେଇ ମିଠା ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି।

## ଇରାନ ବିରୋଧରେ...

ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସମାଇଲ୍ ବାଘେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ, କୂଟନୀତି ଠାରୁ ଦୂରେଇ ଯାଇ ପ୍ରତିବନ୍ଧକ ଲଗାଇବାର ୱାସିଂଟନର ଏହି ପୁରୁଣା ଅଭ୍ୟାସ ସମ୍ପୂର୍ଣ୍ଣ ଭାବେ ନିରର୍ଥକ ପ୍ରମାଣିତ ହୋଇଛି।

## ପଞ୍ଜାବ ନିର୍ବାଚନ ପୂର୍ବରୁ ...

ରହିଛି ଏବଂ ଅନ୍ୟ ଦଳରୁ ଆସିଥିବା ନେତାଙ୍କ ଯୋଗୁଁ ଗୋଷ୍ଠୀ କନ୍ଦଳ ବଢୁଛି । ଅନ୍ୟପଟେ କୃଷି ଆଇନକୁ ନେଇ ଏନ୍‌ଡିଏରୁ ଓହରିଥିବା ଅକାଳୀ ଦଳର ସ୍ଥିତି ମଧ ବିଶେଷ ଭଲ ନାହିଁ; ଲୋକସଭାରେ ମାତ୍ର ଜଣେ ସାଂସଦ ଓ ବିଧାନସଭାରେ କେବଳ ୩ ଜଣ ବିଧାୟକ ଅଛନ୍ତି । ଏହି ପରିସ୍ଥିତିରେ ଉଭୟ ଦଳ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ମେଣ୍ଟ ପ୍ରତି ଆଗ୍ରହୀ ଥିବା ଜଣାପଡ଼ିଛି । ମାତ୍ର ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆସନ ବଣ୍ଟା । ପୁରୁଣା ଫର୍ମୁଲା ଅନୁସାରେ ୧୧୭ ବିଧାନସଭା ଆସନ ମଧ୍ୟରୁ ଅକାଳୀ ଦଳ ୯୪ ଓ ବିଜେପି ୨୩ଟି ଆସନରେ ଏବଂ ୧୩ଟି ଲୋକସଭା ଆସନରୁ ଅକାଳୀ ୧୦ ଓ ବିଜେପି ୩ଟିରେ ଲଢୁଥିଲେ । ଏବେ ବଦଳିଥିବା ସ୍ଥିତିରେ ବିଜେପି ସେହି ପୁରୁଣା ଆସନ ଭାଗବାଣ୍ଟା ଫର୍ମୁଲାକୁ ଗ୍ରହଣ କରିବ ନା ଅଧିକ ଆସନ ଦାବି କରିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ଛାତ୍ରଙ୍କୁ ଛୁରୀ ...

ସମ୍ପର୍କୀୟ ଓ ଅଞ୍ଚଳବାସୀ ୨୬ ନମ୍ବର ଜାତୀୟ ରାଜପଥକୁ ଦୀର୍ଘ ସାଢେ ୩ ଘଣ୍ଟା ଅବରୋଧ କରିଥିଲେ। ହତ୍ୟାକାରୀଙ୍କୁ ଫାଶି ଦେବାକୁ ଦାବି କରିଛନ୍ତି ମୃତ ଛାତ୍ରଙ୍କ ପରିବାର। ଏହି ହତ୍ୟାକାଣ୍ଡ ପଛରେ ପ୍ରେମ ସମ୍ପର୍କ ଥିବା କୁହାଯାଉଛି। ତେବେ ସିସିଟିଭି ଫୁଟେଜ୍ ଆଧାରରେ ଛାନଭିନ୍ ଚଳାଇଛି ପୁଲିସ। ୩୧ ଜୁଲାଇ ୨୦୨୬ ରେ ଜୟପୁର ବାରିଣୀପୁଟର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ଜଣେ ପୂରାତନ ଛାତ୍ର ଛୁରି ଭୁସି ହତ୍ୟା କରିଥିଲା। ସ୍କୁଲର ମଧାହ୍ନ ଭୋଜନ ବିରତି ସମୟରେ କିଛି ନାବାଳକଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା। ନବମ ଶ୍ରେଣୀର ଜଣେ ଛାତ୍ରଙ୍କ ସହ ହୋଇଥିବା ବିବାଦର ସମାଧାନ ପାଇଁ ମହେଶ ମଧସ୍ଥତା କରିବାକୁ ଚେଷ୍ଟା କରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତ ଧାରୁଆ ଛୁରିରେ ମହେଶଙ୍କ ପେଟକୁ ଭୁଷି ଦେଇଥିଲା। ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ୍। ତେବେ ଛାତ୍ରଙ୍କ ଭିତରେ ବଢୁଥିବା ଏହି ଆପରାଧିକ ମାନସିକତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମନସ୍ତତ୍ତ୍ୱବିତ୍ ।

## ଅବକାରୀ ବିଭାଗର ଚଢ଼ାଉ : ...

ଏହି ଚଢ଼ାଉରେ ତିହିଡ଼ି ଭାରପ୍ରାପ୍ତ ଅଧିକାରିଣୀ ସୀମା କେରେଇ, ଭଦ୍ରକ ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ, ଜିଲ୍ଲା ଭ୍ରମ୍ୟମାଣ ଏସ୍.ଆଇ ନଟବର ମଲ୍ଲିକ, ଏ.ଏସ.ଆଇ କ୍ଷୀରୋଦ ପାତ୍ର, କନେଷ୍ଟବଳ ଅଜିତ କୁମାର ସିଙ୍କୁ, ସୁଦର୍ଶନ ପଲ୍ଲାଇ, ରୁଦ୍ରନାରାୟଣ ଦାସ, ଜେମାମଣୀ ଜାମୁଦା, ପରେଶ ଟୁଡୁ, ଅଜୟ କୁମାର ଦାସ, ମିଥୁନ ଯେନା, ବିଭୁପ୍ରସାଦ ମଲ୍ଲିକ, ଶୁଭ୍ରାମିନି ଦାସ ପ୍ରଭୃତି ସାମିଲ ଥିଲେ । ଏନେଇ ଭଦ୍ରକ ରେଞ୍ଜ ଏବଂ ତିହିଡି ଅବକାରୀ ଥାନା ପକ୍ଷରୁ ୨ ଗୋଟି ଭିନ୍ନ ଭିନ୍ନ ମାମଲା ରୁଜୁକରା ଜାଇଛି ।

# ରକ୍ଷାବନ୍ଧନ ପାଟ ସେବାରେ ପ୍ରଚାର ସମିତିର ବୈଠକ

ଭଦ୍ରକ , ୨୧/୮ (ନି.ପ୍ର): ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦ, ଭୁବନେଶ୍ୱର ପକ୍ଷରୁ ଭଦ୍ରକ ଜିଲ୍ଲାସ୍ଥ ଶ୍ରୀଜଗନ୍ନାଥ ମନ୍ଦିର ଗୁଡ଼ିକରେ ଆଗାମୀ ରକ୍ଷାବନ୍ଧନ ପୂର୍ଣ୍ଣିମାରେ ଦିଅଁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ପାଟରାକ୍ଷୀ ସମର୍ପଣ ସେବା ପାଇଁ ପ୍ରଦତ୍ତ ପାଟରାକ୍ଷୀ ଉଦ୍ଦେଶ୍ୟରେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ବୈଠକ ଶ୍ରୀ ବାଲଗୋପାଳ ମନ୍ଦିର ପରିସରରେ ପ୍ରଚାର ସମିତିର ମୁଖ୍ୟ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ଭଦ୍ରକ, ବାଲେଶ୍ୱର, ଯାଜପୁର ଆଦି ଜିଲ୍ଲା ବନ୍ୟାପ୍ଳାବିତ ଜନସାଧାରଣଙ୍କ ଦୁଃଖ ଦୂର କରିବା ନିମନ୍ତେ ଓଡ଼ିଶାର ବଡ଼ ଦିଅଁକୁ ପ୍ରାର୍ଥନା କରାଯାଇଥିଲା । ଭଦ୍ରକ ଜିଲ୍ଲାସ୍ଥ ତିହିଡ଼ି, ଚାନ୍ଦବାଲି, ଧାମନଗର, ଧୁଷୁରୀ, ଅସୁରାଳି ଓ ଭଦ୍ରକ ଆଦି ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧିମାନଙ୍କୁ ପାଟରାକ୍ଷୀ ପ୍ରଦାନ କରାଯାଇଥିଲା । ଭଦ୍ରକସ୍ଥ ସମସ୍ତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିନିଧି ଓ କର୍ମକର୍ତ୍ତାଙ୍କୁ ନେଇ ଏକ ଐକ୍ୟ ସେବକ ମଞ୍ଚ ଆହ୍ୱାନ କରାଯିବାକୁ ସ୍ଥିର କରାଯାଇଥିଲା । ଏଥିରେ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧିଗଣଙ୍କୁ ସ୍ୱାଗତ କରିବା ସହ ପାଟରାକ୍ଷୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ସମିତିର ସହ ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ବାବୁଲାଲ ଦାସ, କାହ୍ନୁ ଚରଣ ଦାସ, ସନେଇ ଶିଅଳ, ପ୍ରଶାନ୍ତ କୁମାର ଦେ, କୃପାସିନ୍ଧୁ ନାୟକ, ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ଶ୍ରୀମତୀ ପୁଷ୍ପଲତା ଦାସ, ଦୁଃଶାସନ ମହାନ୍ତି, ଭାଗବତ ପୁହାଣ, ସୁବଳ ସିଂହ, ଉମେଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିନିଧଙ୍କ ମଧ୍ୟରୁ ଅଧିକ୍ତା ସର୍ବଶ୍ରୀ ସ୍ନେହାଶିଷ ପଣ୍ଡା, ନିରଞ୍ଜନ କର, ଭାବଗ୍ରାହୀ ମଲ୍ଲିକ, ପରମାନନ୍ଦ ବେହେରା, ଜଗତାନନ୍ଦ ମହାପାତ୍ର, କିଶୋର କର, ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ । ବନ୍ୟାଗ୍ରସ୍ତ ଅଂଚଳରୁ କେତେକ ପ୍ରତିନିଧି ଯୋଗ ଦେଇ ପାରିନଥିଲେ । ସେବକ ଶ୍ରୀ ସିଂହ ସମିତି ପାଣ୍ଠିକୁ ଏକ ହଜାର ଟଙ୍କା ଦାନ କରିଥିଲେ ।

# ସମାଜସେବୀଙ୍କ ଜନ୍ମଦିନରେ ମନ୍ଦିରରେ ସମୂହ ଦୀପଦାନ : ଶୁଭ ମନାସିଲେ ଶହ ଶହ ଶୁଭେଚ୍ଛୁ



ବାସୁଦେବପୁର , ୨୧/୮ (ନି.ପ୍ର): ମନ୍ଦିରରେ ସମୂହ ଦୀପ ଦାନ । ଜନ୍ମ ଦିନରେ ଶୁଭ ମନାସି ଶହ ଶହ ଲୋକ ମିଳିତ ଭାବେ ୧୦୮ ଦୀପ ଜଳାଇଛନ୍ତି । ବାସୁଦେବପୁର ପୌରପାଳିକାର ବିଶିଷ୍ଟ ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରାଙ୍କ ଜନ୍ମ ଦିନରେ । ବେଶ ଶାନ୍ତ ସରଳ ଓ ନମ୍ର ବ୍ୟକ୍ତିତ୍ୱ । ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ନିର୍ମାଣ କରିଛନ୍ତି ଶିକ୍ଷାର ସୌଦ୍ଧ । ସୃଷ୍ଟି କରିଛନ୍ତି ଏକାଧିକ ବିଦ୍ୟାଳୟ । ନୈତିକ ମୂଲ୍ୟ ବୋଧକ ଶିକ୍ଷା ଓ ବୌଦ୍ଧିକ ଚିନ୍ତନ ଭରିଦିଆ ଯାଏ ବିଦ୍ୟାଳୟରେ । ସମାଜରେ ଆଦର୍ଶ ଶିକ୍ଷାର ପ୍ରଦ୍ୱୀପକୁ ପ୍ରଜ୍ୱଳିତ କରିବାକୁ ଆରମ୍ଭ କରିଥିଲେ ଛୋଟ ପ୍ରୟାସ । ଗରିବ ଅସହାୟ ମୁହଁରେ ହସ ଫୁଟାଇବାକୁ ଶିଶୁମାନଙ୍କ ପାଇଁ କେ.ଜି ଠାରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରୁଛନ୍ତି । ଶୁଭେନ୍ଦୁ ଭୂଷଣ ବେହେରା ୫୨ ବର୍ଷରେ ପଦାର୍ପଣ କରିଛନ୍ତି । କେବଳ ଶିକ୍ଷା ନୁହେଁ ... ସ୍ୱାସ୍ଥ୍ୟ କ୍ଷେତ୍ରରେ ମାଇଲ ଖୁଣ୍ଟ ସାଜିଛନ୍ତି । ଧାମରା ଠାରୁ ବାସୁଦେବପୁର ପର୍ଯ୍ୟନ୍ତ ଲୋକମାନଙ୍କ ପାଇଁ ନିର୍ମାଣ କରିଛନ୍ତି ଅତ୍ୟାଧୁନିକ ଡାକ୍ତରଖାନା । କମ ଖର୍ଚ୍ଚରେ କଟକ ଓ ଭୁବନେଶ୍ୱର ଡାକ୍ତରଖାନାର ସୁବିଧା ଉପଲବ୍ଧ କରିଛନ୍ତି । ଜଣେ ଧର୍ମ ପରାୟଣ ବ୍ୟକ୍ତି ଭାବେ ବାସୁଦେବପୁର ଓ ଆଖପାଖ ଅଞ୍ଚଳର ବେଶ୍ ସୁଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କର ଶାନ୍ତ ସରଳ ମନରେ ହସ ହସ ମୁହଁ ସଭିଁଙ୍କୁ ଆକର୍ଷିତ କରିଥାଏ । ଏହି ପରି ଏକ ସାମାଜିକ କର୍ମୀଙ୍କ ଦୀର୍ଘାୟୁ କାମନା କରି ନୀଳକଣ୍ଠେଶ୍ୱର ମନ୍ଦିରରେ ଶହ ଶହ ଲୋକ ଦୀପ ପ୍ରଜ୍ୱଳନ କରିଥିଲେ ।

## ସବୁ ଇଭି, ମେଥାନଲ୍ ଓ ଇଥାନଲ୍ ଯାନ ପାଇଁ ପରମିଟ୍ ଫି ସମ୍ପୂର୍ଣ୍ଣ ଛାଡ଼୍

ଭୁବନେଶ୍ୱର, ୨୧/୮ (ନି.ପ୍ର): ରାଜ୍ୟରେ ସବୁଜ ଓ ପ୍ରଦୂଷଣମୁକ୍ତ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି କ୍ରମେ ସମସ୍ତ ବ୍ୟାଟେରୀ ଚାଳିତ (ଇଭି), ମେଥାନଲ୍ ଏବଂ ଇଥାନଲ୍ ଯାନ ପାଇଁ ପରମିଟ୍ ଫି' ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ନିୟମାନୁସାରେ ପରମିଟ୍ ନେବା ବାଧତାମୂଳକ ହୋଇଥିଲେ ହେଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ତେବେ ୩୦୦୦ କିଗ୍ରାରୁ କମ୍ ଜିଭିଡବ୍ଲ୍ୟୁ ଥିବା ମାଲ୍ ପରିବହନ ଗାଡ଼ି ପାଇଁ ଏହା ଲାଗୁ ହେବ ନାହିଁ ଏବଂ ଅନ୍ୟାନ୍ୟ ସରକାରୀ ନିୟମାବଳୀ (ପଞ୍ଜୀକରଣ, ଫିଟନେସ୍, ବୀମା) ପୂର୍ବପରି ଅପରିବର୍ତ୍ତିତ ରହିବ । ଏହି ପଦକ୍ଷେପ ଇ-ଗାଡ଼ିର ବ୍ୟବହାର ବୃଦ୍ଧି ସହ ପରିବେଶ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି ।

# ସମାଜସେବୀଙ୍କ ଉଦ୍ୟମରେ ଅନାଥ ୪ ଭଉଣୀଙ୍କ ପାଖରେ ପହଞ୍ଚିଲେ ନୀଳଗିରି ଉପଜିଲ୍ଲାପାଳ

ନୀଳଗିରି, ୨୧/୮ (ନି.ପ୍ର): ସମାଜରେ ଏବେବି ବଞ୍ଚିରହିଛି ମାନବିକତା । କିଛିଲୋକଙ୍କର ସେବା ଓ ସମର୍ପଣ ମନୋଭାବପାଇଁ ସମାଜର ବଞ୍ଚିତ ଓ ଅବହେଳିତ ଜନତା ରାହା ପାଇବାରେ ସଫଳ ହେଉଛନ୍ତି । ନୀଳଗିରିର ଏହିଭଳି ଜଣେ ସମାଜସେବୀ ସବ୍ୟସାଚୀ ମହାପାତ୍ରଙ୍କ ଉଦ୍ୟମରେ ଭୋକ ଉପବାସରେ ରହୁଥିବା ବାପା, ମାଆ ଛେଉଣ୍ଡ ୪ ଭଉଣୀଙ୍କ ପାଖରେ ପହଞ୍ଚିଛି ପ୍ରଶାସନ । ନୀଳଗିରିର ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଏହି କୋମଳମତି ଅନାଥ ଭଉଣୀଙ୍କ ପାଖରେ ପହଂଚିଛନ୍ତି । ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନ.ଏ.ସି ୨ନଂ ୱାର୍ଡ ଘାଟଘରସାହି ଅଞ୍ଚଳର ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶ ପାନବରଜ ଗାଁରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କିଛିଦିନ



ଆଗରୁ ବାପା ଓ ମା ଚାରିଝିଅଙ୍କୁ ଏକୁଟିଆ କରି ଜଣକ ପରେ ଜଣେ ଆରପାରିକୁ ଚାଲି ଯାଇଥିଲେ । ଏହାପରେ ଏହି ପରିବାର ଉପରେ ଦୁଃଖର ବାଦଲ ମାଡି ଆସିଲା । ବଡ଼ଭଉଣୀ କାମକରି ଅନ୍ୟ ତିନିଭଉଣୀଙ୍କ ପେଟ ପୋଷିବାକୁ ବାଧହେଲା । ଏଥିସହ ସାନଭଉଣୀ ଯକ୍ଷ୍ମାରେ ପୀଡ଼ିତହୋଇ ରୋଗଗ୍ରସ୍ତ ଥିବାରୁ ବଡଭଉଣୀ ମଧ୍ୟ ଚିନ୍ତିତ । ପାହାଡ଼ର ପାଦଦେଶରେ ଏକ ଚତୁରି ଉପରେ ଛୋଟିଆ ଛପରଘରେ ଚାରିଭଉଣୀ ରହୁଥିବାରୁ ହିଂସ୍ର ଜୀବଜନ୍ତୁଙ୍କ ଭୟ ସର୍ବଦା ରହିଛି । ଏପରିକି ଉକ୍ତ ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ହିଂସ୍ରଭାଲୁଙ୍କ ବିପ୍ଳାତ ମଧ୍ୟ ଅଧିକାଂଶ ସମୟରେ ନୀଳଗିରି ସହର ଓ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଛି । ଏଭଳି ପରିସ୍ଥିତିରେ ଚଳିତବର୍ଷର ଲଗାଣବର୍ଷା ଏହି ପିଲାମାନଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଛି । ଜୀବନ ବଞ୍ଚାଇବାକୁ ସଂଗ୍ରାମ କରୁଥିବା ଏହି ଚାରିଭଉଣୀଙ୍କ କଥା ପ୍ରଶାସନ ନଜରରେ ନଥିବାବେଳେ ଏହି ଅସହାୟ ପରିବାର ବିଷୟରେ ପ୍ରଥମେ ସମାଜସେବୀ ସବ୍ୟସାଚୀ ମହାପାତ୍ର ଖବରପାଇବା ପରେ ତାଙ୍କର ସହଯୋଗୀ ମାନଙ୍କୁ ପଠାଇ ପରିବାରକୁ କିଛି ରାସନ ସାମଗ୍ରୀ ସାହାଯ୍ୟ କରିଥିଲେ । ପରେ ଏହି ଘଟଣା ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ରଥଙ୍କୁ ଜଣାଇବାପରେ ଶ୍ରୀମତୀ ରଥ ଗୁରୁବାର ଅନାଥ ଭଉଣୀମାନଙ୍କ ଘରେ ପହଞ୍ଚି ଚାରିଭଉଣୀଙ୍କ ଦୁଃଖ ବୁଝିଛନ୍ତି । ତୁରନ୍ତ ସ୍ୱାସ୍ଥ୍ୟ, ଶିକ୍ଷାସହ ଅନ୍ୟାନ୍ୟ ସରକାରୀ ଯୋଜନାରେ ଯାହା ସୁବ୍ୟବସ୍ଥା ହୋଇପାରିବ ସେ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସମାଜସେବୀ ସବ୍ୟସାଚୀ ମହାପାତ୍ରଙ୍କ ଏହି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଏଲଆଇସି ଅଫ୍ ଇଣ୍ଡିଆ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ବସ୍ତା, ୨୧/୮ (ନି.ପ୍ର): ଚଳିତ ବନ୍ୟାରେ ବାଲେଶ୍ୱର ଜିଲ୍ଲାର ବହୁ ପରିବାର ପ୍ରଭାବିତ ହୋଇଥିବା ବେଳେ ଦୁର୍ଦ୍ଦିନରେ ବନ୍ୟାବିପନ୍ନଙ୍କ ପାଖରେ ଠିଆ ହୋଇଛି ଏଲଆଇସି ଅଫ୍ ଇଣ୍ଡିଆ ବାଲେଶ୍ୱର ଶାଖା । ବସ୍ତା ବ୍ଲକ୍‌ରେ ଜଳକା ନଦୀର ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଜନଜୀବନ ବେହାଲ ହୋଇପଡ଼ିଛି । ବାସୁଟକୁରାଇ ପଞ୍ଚାୟତର ନାଆଘାଟସାହି ସମେତ ଇଡ଼ିଦା ପଞ୍ଚାୟତର ଭିତରବ୍ରହ୍ମତ୍ର ଓ କାଲୁଖା ଅଞ୍ଚଳକୁ ଯୋଗାଯୋଗ ପାଞ୍ଚ ଦିନ ହେବ ବିଚ୍ଛିନ୍ନ ରହିଛି । ଏଭଳି ସଙ୍କଟପୂର୍ଣ୍ଣ ସ୍ଥିତି ସମ୍ପର୍କରେ ଜାଣିବା ପରେ ଏଲଆଇସି ଅଫ୍ ଇଣ୍ଡିଆ ବାଲେଶ୍ୱର ଶାଖା ପକ୍ଷରୁ ବନ୍ୟାବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଯାଇଛି । ଏଲଆଇସି ଅଫ୍ ଇଣ୍ଡିଆ ପକ୍ଷରୁ



ବନ୍ୟା ପ୍ରଭାବିତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ସମେତ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି । ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ଏଲଆଇସି ଅଫ୍ ଇଣ୍ଡିଆ ବାଲେଶ୍ୱର ଶାଖାର ମୁଖ୍ୟ ପରିଚାଳକ ମୃତ୍ୟୁଞ୍ଜୟ ଚକ୍ରବର୍ତ୍ତୀଙ୍କ ସମେତ ଅଜୟ ଚାନ୍ଦ, ହରେକୃଷ୍ଣ ବେବର୍ତ୍ତା, ଭାଗିରଥି ଦାସ, ବସନ୍ତ ପୁହାଣ, କୌଶିକ ପଣ୍ଡା, ସୁଭାସିସ, ଜିତେନ୍ଦ୍ର ରଣା, କାର୍ତ୍ତିକ ମିଶ୍ର, ବଳରାମ ଗିରି, ଅଭିଲିସା ପ୍ରିୟଦର୍ଶିନୀ, ସମ୍ପର୍ଣ୍ଣା ସ୍ୱାଇଁ, ସୂର୍ଯ୍ୟମଣି ମଲ୍ଲିକ, ଅଶୋକ ବିଶ୍ୱାଳ, ଦିଲ୍ଲୀପ ମଣ୍ଡଳ ଓ ରତିକାନ୍ତ ସାହୁ ପ୍ରମୁଖ ଯୋଗଦେଇ ବନ୍ୟାବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ ।ବନ୍ୟା ଭଳି ଦୁର୍ଦ୍ଦିନ ସମୟରେ ଏଲଆଇସି ଅଫ୍ ଇଣ୍ଡିଆ ବାଲେଶ୍ୱର ଶାଖା ପକ୍ଷରୁ ଏଭଳି ମାନବିକ ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଲୋକେ ଶାଖାର ସମସ୍ତ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଛନ୍ତି ।

# ବନ୍ୟା ପ୍ରଭାବିତ ବଇଁଚା ପଞ୍ଚାୟତ ପରିଦର୍ଶନ କରି ସ୍ଥିତି ସମୀକ୍ଷା କଲେ ବାଲେଶ୍ୱର ସଦର ବିଧାୟକ

ବାଲେଶ୍ୱର, ୨୧/୮ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଇଁଚା ପଞ୍ଚାୟତର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ବନ୍ୟା ପରିସ୍ଥିତିର ସ୍ଥିତି ସମୀକ୍ଷା କରିଛନ୍ତି । ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ବିପନ୍ନ ପରିବାରଗୁଡ଼ିକୁ ଭେଟି ସେମାନଙ୍କ ଦୁଃଖ, ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ସିଧାସଳଖ ଅବଗତ ହୋଇଥିଲେ । ବନ୍ୟା ଯୋଗୁଁ ଅନେକ ଅଞ୍ଚଳରେ ଯାତାୟାତ, ପାନୀୟ ଜଳ, ବିଦ୍ୟୁତ୍, ରାସ୍ତାଘାଟ ଓ କୃଷି କ୍ଷେତ୍ର



ପ୍ରଭାବିତ ହୋଇଥିବାରୁ ବିଧାୟକ ଶ୍ରୀ ଦତ୍ତ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ । ବନ୍ୟା ବିପନ୍ନଙ୍କ ମଧ୍ୟରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା । ଜଳବନ୍ଦୀ ଓ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକ ଯେପରି ଖାଦ୍ୟ ପାଇଁ କୌଣସି ଅସୁବିଧାରେ ନପଡ଼ନ୍ତି, ସେଥିପାଇଁ ଆବଶ୍ୟକ ସ୍ଥାନରେ ରନ୍ଧା ଖାଦ୍ୟ ଯୋଗାଇବା ଓ ଅନ୍ୟାନ୍ୟ ରିଲିଫ୍ ସହାୟତା ଜାରି ରଖିବାକୁ ବିଧାୟକ ଗୁରୁତ୍ୱ ଦେଇଥିଲେ । ବିପଦ ସମୟରେ ମାନବିକତାର ସହ ଲୋକଙ୍କ ପାଖରେ ଠିଆ ହେବା ହିଁ ସମସ୍ତଙ୍କ ପ୍ରାଥମିକ କର୍ତ୍ତବ୍ୟ ବୋଲି ସେ କହିଥିଲେ ।ପରିଦର୍ଶନ ସମୟରେ ବନ୍ୟା ଯୋଗୁଁ ହୋଇଥିବା ରାସ୍ତାଘାଟ, ଡ୍ରେନେଜ୍, କୃଷି ଓ ଅନ୍ୟାନ୍ୟ ଭିତ୍ତିଭୂମି କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । କ୍ଷୟକ୍ଷତିର ଠିକ୍ ଆକଳନ କରି ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ସମ୍ପୃକ୍ତ ବିଭାଗକୁ କୁହାଯାଇଛି । ବନ୍ୟା ବିପନ୍ନଙ୍କ ସୁରକ୍ଷା, ରିଲିଫ୍ ଓ ପୁନରୁଦ୍ଧାରକୁ ରାଜ୍ୟ ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ବନ୍ୟା ବିପନ୍ନଙ୍କ ସୁରକ୍ଷା, କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାର ଓ ଦୀର୍ଘମିଆଦୀ ସମାଧାନ ପାଇଁ ସରକାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି ।

# ସପ୍ତାହରେ ତିନିଦିନ ଭେଷଜ ବିଶେଷଜ୍ଞ ଆସୁଥିବାରୁ ରୋଗୀ ହନ୍ତସନ୍ତ

ବୈଶିଙ୍ଗା, ୨୧/୮ (ନି.ପ୍ର): ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ଫଳରେ ଜିଲା ପ୍ରଶାସନ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣେ ଭେଷଜ ବିଶେଷଜ୍ଞଙ୍କୁ ସପ୍ତାହରେ ୩ ଦିନ ରୋଗୀ ଦେଖିବାକୁ ଦାୟିତ୍ୱ ଦେଲେ । ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଭେଷଜ ବିଶେଷଜ୍ଞ ଡାକ୍ତର ପାର୍ଥସାରଥୀ ମହାନ୍ତି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗଦେଲେ ସତ ମାତ୍ର ସପ୍ତାହରେ ସୋମବାର, ବୁଧବାର ଓ ଶୁକ୍ରବାର ଆସି ନିଜର କର୍ତ୍ତବ୍ୟ ସମ୍ପାଦିତ କରୁଥିଲେ ମଧ୍ୟ ତାହା ଅଞ୍ଚଳବାସୀଙ୍କ ନିମନ୍ତେ ଯଥେଷ୍ଟ ନୁହେଁ ବୋଲି ରୋଗୀ ମାନେ ଦାବିକରିଛନ୍ତି ଯେ ଭେଷଜ ଡାକ୍ତର ଶ୍ରୀ ମହାନ୍ତି ରବିବାର ବ୍ୟତିତ ଅନ୍ୟ ସବୁଦିନ ଦାୟିତ୍ୱ ନିର୍ବାହ କରନ୍ତୁ । ସପ୍ତାହର ୩ ଦିନ ଡାକ୍ତର ମହାନ୍ତିଙ୍କ ନିକଟରେ ବହୁ ରୋଗୀ ନିଜର ରୋଗ ଉପଶମ ନିମନ୍ତେ ତାଙ୍କ ଚେମ୍ବର ସମ୍ମୁଖରେ ଧାଡି ଲଗାଇଥାନ୍ତି । କେବଳ ବେତନଟୀ ଅଞ୍ଚଳବାସୀ ନୁହନ୍ତି, ଆଖ ପାଖ ବୈଶିଙ୍ଗା, ଅଁଳା, ଗଡଦେଉଳିଆ ଠାରୁ ପ୍ରାୟ ପଚାଶ ଖଣ୍ଡ ଗ୍ରାମ ସମେତ ପଡୋଶୀ ବଡ଼ସାହି ଓ ମୋରଡା ବ୍ଲକ ଅଞ୍ଚଳର ରୋଗୀ ମାନେ ଆସି ଭିଡ଼ ଜମାଇଥାନ୍ତି । ଏବେ ସରକାରୀ ନିୟମ ଅନୁଯାୟୀ ସକାଳ ୭ଟା ରୁ ୧୧ ଟା ପର୍ଯ୍ୟନ୍ତ ଡାକ୍ତରଙ୍କ ଡିଉଟି ଥିବାବେଳେ ତାହା ଯଥେଷ୍ଟ ନୁହେଁ ବୋଲି ରୋଗୀମାନେ ଅଭିଯୋଗ କରିଛନ୍ତି । ଦୂର ଦୁରାନ୍ତରୁ ଭୋକ ଉପାସରେ ଆସୁଥିବା ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସପ୍ତାହର ରବିବାର ବ୍ୟତିତ ଅନ୍ୟ ୬ ଦିନ ଯେପରି ଭେଷଜ ବିଶେଷଂଜ୍ଞ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟରେ ରହି ନିଜର କର୍ତ୍ତବ୍ୟ ପାଳନ କରିବେ ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ଅସୁବିଧା ଥିଲେ ମଧ୍ୟ ରୋଗୀ ମାନେ ବିଶେଷ ଭାବେ ଭେଷଜ ବିଶେଷଜ୍ଞଙ୍କ ଉପରେ ନିର୍ଭର କରୁଥିବା ଜଣାଯାଇଛି । ବିଶେଷଭାବେ ବହୁ ଦାବି ପରେ ପ୍ରତିଷ୍ଠା ହୋଇଥିବା ଶବ ବ୍ୟବଚ୍ଛେଦ ଗୃହରେ ଶବ ବ୍ୟବଚ୍ଛେଦ ହେଉନଥିବାରୁ ଗରିବ ଲୋକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ରାଜ୍ୟପାଳଙ୍କ ଶୋକ

ଭୁବନେଶ୍ୱର, ୨୧/୮ (ନି.ପ୍ର): ପ୍ରସିଦ୍ଧ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ଶ୍ରୀ ପ୍ରଣବ ପଟ୍ଟନାୟକ ଜୀଙ୍କ ବିୟୋଗରେ ମୁଁ ଗଭୀର ଭାବେ ମର୍ମାହତ । ତାଙ୍କର ମଧୁର କଣ୍ଠସ୍ୱର ଓ ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପିଢ଼ି ପିଢ଼ି ଧରି ସ୍ମରଣୀୟ ହୋଇ ରହିବ । ତାଙ୍କର ଦେହାବସାନ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ଏକ ଅପୂରଣୀୟ କ୍ଷତି । ତାଙ୍କ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଅସଂଖ୍ୟ ପ୍ରଶଂସକଙ୍କ ପ୍ରତି ମୋର ହୃଦୟରୁ ସମବେଦନା । ମହାପ୍ରଭୁ ଶ୍ରୀଜଗନ୍ନାଥ ଦିବଙ୍ଗତ ଆତ୍ମାଙ୍କୁ ଚିରଶାନ୍ତି ପ୍ରଦାନ କରନ୍ତୁ ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' ଆଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୨୧/୮ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ 'ଶକ୍ତିଶ୍ରୀ' କାର୍ଯ୍ୟଶାଳାର ପୋକ୍ସ୍ ଆଇନ୍ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଇନ୍‌ଜୀବୀ ତଥା ଶିକ୍ଷାବିତ୍ ଡଃ ରାଧାରାଣୀ ମହାପାତ୍ର ଯୋଗଦେଇ ଆଇନ୍ ସଚେତନତାର ଗୁରୁତ୍ୱ ଉପରେ ମତଦାନ କରିବା ସଂଗେ ସଂଗେ ଛାତ୍ରୀମାନେ ଆତ୍ମନିର୍ଭର ଓ ଆତ୍ମସୁରକ୍ଷା ନିଜର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ମୁଖ୍ୟ ବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଡ଼. କୃପାସିନ୍ଧୁ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା, ଆଇନ୍ ସଚେତନତା ଏବଂ ସାମାଜିକ ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଶ୍ରୀ ଅକ୍ଷୟ କୁମାର ପାଣିଗ୍ରାହୀ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନେ ପୋକ୍‌ସୋ ଆଇନ୍ ଓ ଶୃଙ୍ଖଳା ସଂପର୍କରେ ମତ ରଖିଥିଲେ । 'ଶକ୍ତିଶ୍ରୀ'ର ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଗୌରାଙ୍ଗ ଦାସ, ରଘୁନାଥ ନାୟକ ଓ ଆଶୁତୋଷ ସିଂ ସଭା ପରିଚାଳନାରେ ସହଯୋଗ କରିଥିଲେ ।

## ପରିବା ଚାଷରେ ବହୁ କ୍ଷତି ସହିବାକୁ ପଡ଼ିଛି : ବ୍ରହ୍ମାନନ୍ଦ



ଉଦଳା , ୨୧/୮ (ନି.ପ୍ର): ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ କାଠପାଳ ଗ୍ରାମର ବାସିନ୍ଦା ବ୍ରହ୍ମାନନ୍ଦ ମାଝି ଜଣେ ପରିବା ଚାଷି ଭାବରେ ବେଶ ଜଣାଶୁଣା । ସେ ବର୍ଷ ତମାମ କଲରା, ଭେଣ୍ଡି, ଜହ୍ନି, କାକୁଡ଼ି, ବାଇଗଣ, ବୋଇତାଳୁ ଇତ୍ୟାଦି ଚାଷ କରି ନିକଟସ୍ଥ ହାଟ ମାନଙ୍କରେ ବିକ୍ରୟ କରିଥାନ୍ତି । ଏଥିରୁ ଯାହା ରୋଜଗାର ହୁଏ ସେଥିରେ ସେ ତାଙ୍କର ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଇଥାନ୍ତି । କିନ୍ତୁ କିଛିଦିନ ପୂର୍ବରୁ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ପରିବା ଚାଷରେ ବହୁ କ୍ଷତି ହୋଇଥିବାର କଥା ବ୍ରହ୍ମାନନ୍ଦ ଗଣମାଧ୍ୟମକୁ ଜଣାଇଛନ୍ତି । କୃଷକ ମାନଙ୍କର କ୍ଷତି ହେଲେ କ୍ଷତି ପୂରଣ ଦେବା ପାଇଁ ସରକାର ସବୁ ସମୟରେ ପଛଘୁଂଚା ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳେ । ଏହା ସବୁଠାରୁ ଅଧିକ ଦୁଃଖ ଓ ଯନ୍ତ୍ରଣାଦାୟକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ବିଭାଗୀୟ କର୍ତୃପକ୍ଷ ବ୍ରହ୍ମାନନ୍ଦ ମାଝିଙ୍କୁ ପରିବା ଚାଷରେ ହୋଇଥିବା କ୍ଷତି ପୂରଣ ଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।




## ୨୮ରେ ମିଳିବ ସୁଭଦ୍ରାର ୫ମ କିସ୍ତି

ଭୁବନେଶ୍ୱର, ୨୧ ଅଗଷ୍ଟ (ହି.ସ) - ଆସନ୍ତା ୨୮ ଅଗଷ୍ଟ , ରାଖୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କରାଯିବାକୁ ଥିବା ପରିପ୍ରେକ୍ଷୀରେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତିମୂଳକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓକାକ୍ ଟିମ୍ ଏବଂ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ । ବୈଠକରେ ୫ମ କିସ୍ତିର ଡିବିଟି ପ୍ରଦାନ, ହିତାଧିକାରୀଙ୍କ ତାଲିକା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ସବିଶେଷ ସମୀକ୍ଷା କରିଥିଲେ । ୫ମ କିସ୍ତି ପ୍ରଦାନ ପାଇଁ ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଛି ।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ



ଖୋର୍ଦ୍ଧା, ୨୧/୮ (ନି.ପ୍ର): ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଓ ଶ୍ରୀ ରତ୍ନାକର ରଣସିଂହ ସଭାପତିତ୍ୱ କରିଥିଲେ । ମଞ୍ଚର ସମ୍ପାଦକ ପ୍ରଥମେ ଓଡ଼ିଶାର ଗୌରବ ଦେଶର ସର୍ବୋଚ୍ଚ ସାହିତ୍ୟ ସମ୍ମାନ 'ଜ୍ଞାନପୀଠ' ଓ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ସଚ୍ଚି ରାଉତରାୟଙ୍କୁ ୨୨ ତମ ଶ୍ରାଦ୍ଧ ବାର୍ଷିକ ଶ୍ରଦ୍ଧାଞ୍ଜଳି ଅନୁଷ୍ଠାନ ତରଫରୁ ଜ୍ଞାପନ କରିଥିଲେ । ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ Maintainance and Welfare of Parents and Senior Citizens Act, ୨୦୦୭ ସନ୍ଦର୍ଭରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଭାରତୀୟ ସଂସ୍କୃତିରେ ପାରିବାରିକ ମୂଲ୍ୟବୋଧ, ସାମ୍ପ୍ରତିକ ପରିସ୍ଥିତିରେ ପରିବାର ଏବଂ ବିଶେଷ ଭାବେ ମାତା ପିତାଙ୍କ ସ୍ଥିତି ଓ ବରିଷ୍ଠ ନାଗରିକଙ୍କ କର୍ତ୍ତବ୍ୟ ଏବଂ ଦାୟୀତ୍ୱ ସମ୍ପର୍କରେ ସନ୍ତୋଷ କୁମାର ଦାସ, ଡ଼. ବୃନ୍ଦାବନ ପଣ୍ଡା, ଉତ୍ତର କୁମାର ସାହୁ, ରବୀନ୍ଦ୍ର ନାଥ ଶତପଥୀ, ଦିବାକର ମୁଦୁଲି,ବିପ୍ର ଚରଣ ବେହେରା, ସତ୍ୟବ୍ରତ ଦାସ ବକ୍ତବ୍ୟ ରଖିଥିଲେ । ଡ଼. ଚପଳା ପଣ୍ଡା ଓ ରମେଶ ଚନ୍ଦ୍ର ଦାଶ ସ୍ୱରଚିତ କବିତା ପାଠ କରିଥିଲେ । ସହ ସମ୍ପାଦକ ନବକିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida